

ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ ସଂକଳ୍ପ।
- ଇନ୍ଦିରାଗାନ୍ଧୀ



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ସୋସିଓ କଲଚରଲ ଆସୋସିଏଶନର ପୁସ୍ତକ ଉନ୍ମୋଚନ, ଗୀତ ଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା ୧୫।
- ଇନଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟେରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲିଡ ନ୍ୟୁଟ୍ରିଶନ ପକ୍ଷରୁ ଜାତୀୟ ସମ୍ମିଳନୀ, କ୍ୟାମ୍ପସ ଅଡିଟୋରିୟମ ହଲ, ଭିଏସ୍ଏସ୍ ନଗର, ଅପରାହ୍ନ ୪ଟା।
- ୱାର ଭେଟେରାନ ଅଫିସର୍ସ ଆସୋସିଏଶନର ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।

# ଦ୍ୱିତୀୟ ସୋପାନ ମାନ୍ୟତା ପାଇଁ ସ୍ୱୀକୃତି ଜଣାଇଲା ବିଏମ୍‌ସି

### ଖୋଲା ମଳତ୍ୟାଗମୁକ୍ତ ସହର ଭୁବନେଶ୍ୱର

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସ୍ୱଚ୍ଛ ଭାରତ ମିଶନ ଭଳି ପ୍ରମୁଖ ତଥା ଦୀର୍ଘମିଆଦୀ କାର୍ଯ୍ୟକ୍ରମରେ ସହରାଞ୍ଚଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗିରହିଛି। ଭୁବନେଶ୍ୱର ଖୋଲା ମଳତ୍ୟାଗମୁକ୍ତ ସହରର ପ୍ରଥମ ସୋପାନ ଅତିକ୍ରମ କରି ଦ୍ୱିତୀୟ ସୋପାନ ବା ଓଡିଏଫ୍ ++ ରେ ନିଜର ସ୍ଥାନ ନିର୍ଦ୍ଧାରଣ କରିଥିବା ମହାନଗର ନିଗମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ସ୍ଥିରୀକୃତ ବିବିଧ ଭିତ୍ତିଭୂମି ଏବଂ ଗୁଣାବଳୀ ଆଧାରରେ ଏହି ମାନ୍ୟତା ଦିଆଯାଇଥାଏ। ସ୍ଥିରୀକୃତ ଗୁଣାବଳୀ ମଧ୍ୟରେ ଖୋଲା ମଳତ୍ୟାଗ ଏବଂ ମୂତ୍ରତ୍ୟାଗ ନ ହେବା, ସମସ୍ତ ବ୍ୟକ୍ତିଗତ ପାଇଖାନାରେ ଜଳ ସଂଯୋଗ ହୋଇ ଏହା ସ୍ୱଚ୍ଛ ରହିବା, ସମସ୍ତ ଗୋଷ୍ଠୀ ଏବଂ ପବ୍ଲିକ୍ ଟଏଲେଟ୍ ସମ୍ପୃକ୍ତ ଗୋଷ୍ଠୀଠାରୁ ୫୦୦ ମିଟର ଦୂରରେ ରଖିବା, ମଳ ଉପଚାର ବିଜ୍ଞାନ ସମ୍ମତ ଭାବେ ହେବା ଆଦି ରହିଛି। ସେହିପରି ସମସ୍ତ ପାଇଖାନା ସ୍ୱେରେଜ୍ ନେଟ୍‌ୱର୍କକୁ ସଂଯୋଗ ହେବା କିମ୍ବା ଏହାର ନିଜସ୍ୱ ସୋପିଟ୍ ଓ ସେପ୍ଟିକ୍ ଟାଙ୍କି ରହିବା, ପାଇଖାନା ଟାଙ୍କି ନିୟମିତ ବ୍ୟବଧାନରେ ଖାଲିହେବା, ସମସ୍ତ ସେପ୍ଟିକ୍ ଟାଙ୍କି ସଫା କରୁଥିବା ସେସ୍‌ପୁଲ୍ ମହାନଗର ନିଗମ ସହିତ ନିବନ୍ଧିତ ହେବା, ବାହାରେ ଓ ଡ୍ରେନ୍ ଇତ୍ୟାଦିରେ ଅଣଉପଚାରିତ ମଳ ନିସ୍ତାରଣ ଲାଗି ଜରିମାନା ଆଦାୟ କରାଯିବା, ପରିମଳଜନିତ ସେବା ବ୍ୟବସ୍ଥାର ମାନଦଣ୍ଡ ସମ୍ପୃକ୍ତ ପୌରସଂସ୍ଥା ଜଣାଇବା, କୌଣସି ପାଇଖାନା ଜଳରାଶିକୁ ସଂଯୋଗ ନ ହେବା, ସହରରୁ ନିର୍ଗତ ମଳର ଉପଚାର ହେବା ଇତ୍ୟାଦି ଗୁଣାବଳୀ ରହିଛି। ତେବେ ଏହି ସବୁକୁ ନିଶ୍ଚିତ କରିବା ନିମନ୍ତେ ମୁଖ୍ୟତଃ ୪ ପ୍ରକାର ମାନଦଣ୍ଡ ଜଳଯୋଗାଣ ସୂଚକ, ସ୍ୱେରେଜ୍ ଏବଂ ପରିମଳ ସୂଚକ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସୂଚକ ଏବଂ ବର୍ଷାବିପ୍ଳାତ ଜଳ ଓ ଡ୍ରେନେଜ୍ ସୂଚକ ଇତ୍ୟାଦିକୁ ବିଚାରକୁ ନିଆଯାଇଥାଏ। ଏହି କ୍ରମରେ ମୋଟ ୨୮ଟି ସୂଚକର ବିବିଧ ଦିଗ ଉପରେ ଆଲୋକପାତ କରି ସମ୍ପୃକ୍ତ ଅଧିକାରୀ ମାନଦଣ୍ଡ ନିର୍ଦ୍ଧାରଣ କରିଥାନ୍ତି। ଏ ନେଇ ବିବିଧ ସୂଚକ ଉପରେ ବିଏମସି କାର୍ଯ୍ୟାଳୟରେ ଆଲୋକପାତ କରାଯାଇଥିଲା।

# 'ଯୁବ ସମାଜର ହୃଦୟରେ ସ୍ଥାନ ନେଇଛନ୍ତି ଲୁଲୁ'



ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି ଦିବଂଗତ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ)ଙ୍କ ୫୬ତମ ଜନ୍ମଦିବସ। ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଛନ୍ତି ଯେ, ଲୁଲୁ ମହାପାତ୍ର ମରିନାହାନ୍ତି ଅମର ହୋଇ ଛାତ୍ର ଓ ଯୁବ ସମାଜଙ୍କ ହୃଦୟରେ ସ୍ଥାନ ନେଇଛନ୍ତି। ଛାତ୍ର ସମାଜକୁ ଆଗେଇ ନେବାରେ ତାଙ୍କର ବଳିଷ୍ଠ ନେତୃତ୍ୱ ଏବେବି ମନେପଡୁଛି। ସ୍ମୃତି କମିଟି ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଲୁଲୁଙ୍କ ଝିଅ ସୁଶ୍ରୀ ଉପାସନା ମହାପାତ୍ର ଉଦ୍‌ଘାଟନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଧାୟକ ତାରା ପ୍ରସାଦ ବାହିନୀପତି, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ହିମାଂଶୁ ଲେଙ୍କା ଅତିଥି ପରିଚୟ କରାଇଥିବାବେଳେ ସମ୍ପାଦକ ଦୀପକ ସାହୁ ଧନ୍ୟବାଦ ଦେଇଥିଲେ।



ଇଡ୍‌କଲ୍ ଅଡିଟୋରିୟମରେ ଶୁକ୍ରବାର ଲୁଲୁ ସେନା ପକ୍ଷରୁ ଆୟୋଜିତ ଲୁଲୁ ମହାପାତ୍ରଙ୍କ ଜନ୍ମ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଚୋରି ମୋବାଇଲ ଫୋନ୍ ବାଲିଗଦାରୁ ଜବତ: ଅଭିଯୁକ୍ତ ଶ୍ରମିକ ଗିରଫ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ଅଫିସ ଇଣ୍ଟେରିୟର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଚତୁରତାର ସହ ମୋବାଇଲ ଫୋନ୍ ଚୋରି କରିଥିବା ଅଭିଯୁକ୍ତ ଶ୍ରମିକଙ୍କୁ ପୋଲିସ ଗିରଫ କରିଛି। ଏଥିସହ ବାଲିଗଦା ଭିତରୁ ମୋବାଇଲ ଫୋନ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଅଞ୍ଚଳର ରବୀନ୍ଦ୍ର ରାଉତ।

ସୂଚନା ମୁତାବକ, ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡ଼ା ଅଞ୍ଚଳର ନରେଶ ଚନ୍ଦ୍ର ମହାନ୍ତିଙ୍କ ଶହୀଦନଗର ପ୍ଲଟ ନମ୍ବର ୧୦୦୬/୧୭୧୯ରେ ଥିବା ଅଫିସ ଇଣ୍ଟେରିୟର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଗୁରୁବାର ନରେଶଙ୍କ ଗତିବିଧିକୁ ନଜର କରି ଅଭିଯୁକ୍ତ ରବୀନ୍ଦ୍ର ତାଙ୍କର ଏକ ଦାମୀ ମୋବାଇଲ ଫୋନ ଚୋରି କରି ବାଲିଗଦା ଭିତରେ ଲୁଚାଇ ଦେଇଥିଲେ। ନରେଶ ବହୁ ଖୋଜାଖୋଜି କରିବା ପରେ ଫୋନ ନ ମିଳିବାରୁ ରବୀନ୍ଦ୍ରଙ୍କ ଉପରେ ତାଙ୍କର ସନ୍ଦେହ ସୃଷ୍ଟି ହୋଇଥିଲା। ଏ ନେଇ ସେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ପୋଲିସ ପଚରାଉଚରା ବେଳେ ସେ ବାଲିଗଦାରେ ମୋବାଇଲ ଫୋନ୍ ଲୁଚାଇଥିବା ସ୍ୱୀକାର କରିଥିଲେ। ପୋଲିସ ତାହାକୁ ଜବତ କରିବା ସହ ଏକ କେସ୍ (ନଂ. ୮୨/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ମେଘେଶ୍ୱର ମନ୍ଦିରରେ ଜାଗର ପ୍ରସ୍ତୁତି ବୈଠକ

କଟକ ରୋଡ,୧୪।୨(ଡି.ଏନ୍.ଏ.): ଟଙ୍କପାଣି ରୋଡସ୍ଥିତ ମେଘେଶ୍ୱର ମନ୍ଦିରରେ ଗୁରୁବାର ଜାଗର ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋର ସାଢ଼େ ୩ଟା ରେ ମଙ୍ଗଳ ଆଳତି ଓ ସାହାଣ ମେଲା, ସକାଳ ୮ଟା ରେ ସନ୍ଧି ପୂଜା, ୯ଟା ରେ ପ୍ରଥମ ପ୍ରହର ପୂଜା, ୧୧ଟାରେ କ୍ରମାନ୍ୱୟ ଭାବେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରହର ପୂଜା ପାଳନ ହେବା ରାତ୍ର ୧୦ଟା ୧୦ରେ ମହାଦୀପ ଉଠାଣ ହେବ ବୋଲି ପରିଚାଳନା କମିଟି ସଭାପତି ଅଶୋକ ସିଂହ କହିଛନ୍ତି। ଏଥି ସହିତ ଜାଗର ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଏହି ବୈଠକରେ ସମ୍ପାଦକ ବାସୁଦେବ ଦାସ, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ଯୋଗଦେଇଥିଲେ।

## ବେଙ୍ଗାଲୁରୁ ଫେରନ୍ତା ଯୁବକଙ୍କୁ ନିଶାଦେଇ ଲୁଟ୍

ଭୁବନେଶ୍ୱର,୧୪।୨(ବ୍ୟୁରୋ): ମାଷ୍ଟରକ୍ୟାଣ୍ଟିନ ରେଲଷ୍ଟେଶନ ଅଞ୍ଚଳରେ ଜଣେ ବେଙ୍ଗାଲୁରୁ ଫେରନ୍ତା ଯୁବକ ଲୁଟ୍‌ର ଶିକାର ହୋଇଛନ୍ତି। ନିଶାଦିଆ ଲୁଟେରାମାନେ ଟ୍ରେନରେ ସମ୍ପୃକ୍ତ ଯୁବକଙ୍କୁ ନିଶା ଦେଇ ତାଙ୍କ ନିକଟରୁ ୫ହଜାର ଟଙ୍କା, ୨ଟି ମୋବାଇଲ ଫୋନ, ଏଟିଏମ୍ କାର୍ଡ ସମେତ ଅନେକ ଜରୁରୀ କାଗଜପତ୍ର ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଆଶିଷ ବେହେରା। ସେ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ଆଶିଷ ଶୁକ୍ରବାର ସକାଳେ ପ୍ରଶାନ୍ତି ଏକ୍ସପ୍ରେସରେ ଆସି ଭୁବନେଶ୍ୱର ରେଲଷ୍ଟେଶନରେ ଓହ୍ଲାଇଥିଲେ। ମାତ୍ର ଟ୍ରେନରେ କେହି ବ୍ୟକ୍ତି ତାଙ୍କୁ ନିଶା ଦେବା ସହ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ନେଇଯିବାକୁ କହି ଷ୍ଟେଶନ ବାହାରକୁ ଆଣିଥିଲେ। ମାତ୍ର ତା' ପରେ ତାଙ୍କର ଚେତା ଚାଲିଯାଇଥିଲା। ଅପରାହ୍ନରେ ଚେତା ଫେରିବା ପରେ ସେ ନିଜକୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପାଇଥିଲେ। କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସ ସୂଚନା ମୁତାବକ, ହୋସ୍ ଆସିବା ପରେ ଆଶିଷ କହିଛନ୍ତି ଯେ, କେତେଜଣ ଯୁବକ ତାଙ୍କୁ ଟ୍ରେନରେ କେକ୍ ଖାଇବାକୁ ଦେଇଥିଲେ। ଏହି କେକ୍ ଖାଇବା ପରେ ତାଙ୍କୁ ନିଦ ହୋଇଯାଇଥିଲା। ପରେ ସେମାନେ ତାଙ୍କ ନିକଟରୁ ଲୁଟପାଟ କରି ମାଷ୍ଟରକ୍ୟାଣ୍ଟିନ ଅଟୋଷ୍ଟାଣ୍ଡ ନିକଟରେ ଶୁଆଇ ଦେଇ ଫେରାର ହୋଇଯାଇଥିଲେ। ଅଟୋଷ୍ଟାଣ୍ଡର ଜଣେ ଡ୍ରାଇଭରଙ୍କଠାରୁ ସୂଚନା ପାଇ ପିସିଆର ପହଞ୍ଚି ଆଶିଷଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।



ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ସେଣ୍ଟ୍ ଜାଭିୟର ହାଇସ୍କୁଲର ୭ମ ବାର୍ଷିକ ଉତ୍ସବ

ପୁରୁଣା ଭୁବନେଶ୍ୱର, ୧୪।୨ (ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କ ଉତ୍ତମ ଶିକ୍ଷାଦାନ ସହ ସେବା, ମାନବିକତା ଓ ଦେଶ ପାଇଁ ଭଲ କାର୍ଯ୍ୟ କରିବାକୁ କେବଳ ଶିକ୍ଷୟିତ୍ରୀଶିକ୍ଷକ ନୁହନ୍ତି ଅଭିଭାବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସାମନ୍ତରାପୁରସ୍ଥିତ ସେଣ୍ଟ୍ ଜାଭିୟର ହାଇସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ଉଡ଼ାନ-୨୦୨୦ ପାଳନ ଅବସରରେ ସେ ଏହି ମତ ଦେଇଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର, ଜୁନିୟର ଦୁଇଟି ବିଭାଗର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ସସ୍ମିତା ସାମନ୍ତ, ଅତିରିକ୍ତ ପୋଲିସ କମିଶନର ସଞ୍ଜୟ କୁମାର ସିଂ, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ମିହିର ରଞ୍ଜନ ସେଠୀ, ରାଜ୍ୟ ଘରୋଇ ବିଦ୍ୟାଳୟ ସଭାପତି ସତ୍ୟନାରାୟଣ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହି ପିଲାମାନଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ଅଜିତ୍ କୁମାର ଦାଶ, ପ୍ରାରମ୍ଭିକ ସମ୍ଭାଷଣ ଦେଇଥିବାବେଳେ ଅଧ୍ୟକ୍ଷା ଏ.ଏସ. ଆରଲାଣ୍ଡ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବାସନ୍ତି ମିଶ୍ର ଧନ୍ୟବାଦ ଦେଇଥିଲେ।

## ବାସୁଦେବଙ୍କ ମନ୍ଦିରରେ କୁମ୍ଭ ମେଳା

ବାରଙ୍ଗ,୧୪।୨(ଡି.ଏନ୍.ଏ.)

ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀଶ୍ରୀ ଭଗବତ ବାସୁଦେବଙ୍କ ମନ୍ଦିରରେ କୁମ୍ଭ ସଂକ୍ରାନ୍ତି ଉପଲକ୍ଷେ କୁମ୍ଭ ମେଳା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ରାତିରେ ନାମ ସଂକୀର୍ତ୍ତନଠ୍ରୁ ଆରମ୍ଭ ହୋଇ ସୁକ୍ରବାର ସକାଳେ ନଗର କୀର୍ତ୍ତନରେ ଏହା ସରିଥିଲା। ମେଣ୍ଢାଶାଳ, ଗିରିଙ୍ଗାପୁଟ, ଅନନ୍ତପୁର, ଯାଆଁଳା, ବଡରଘୁନାଥପୁର, ପଦନପୁର, ରେଙ୍ଗଳ, ତମାଣ୍ଡୋ, କାଇମାଟିଆ, ଶଣ୍ଢପୁର, ପିତାପଲ୍ଲୀ, ବଡତୋଟା, କାଟେନୀ ଆଦି ଗ୍ରାମରୁ ସଙ୍କୀର୍ତ୍ତନ ଦଳମାନେ ଯୋଗଦେଇଥିଲେ। ପ୍ରଫୁଲ୍ଲ ଶ୍ରୀଚନ୍ଦନ, ଭରତଚନ୍ଦ୍ର ରାଉତରାୟ, ନିମାଁଇ ବିଶ୍ୱାଳ, ବିଜୟ ବଡଜେନା, ପ୍ରଫୁଲ୍ଲ ପାତ୍ର, ସୁରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଏହି ମେଳାକୁ ପରିଚାଳନା କରିଥିଲେ। ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବାସୁଦେବଙ୍କ କରୁଣାଭିକ୍ଷା କରିଥିଲେ।

## ହୋଲ୍ଡିଂ ଟ୍ୟାକ୍ସ ଖିଲାପକାରୀଙ୍କ ବିରୋଧରେ ହେବ ମାମଲା

ଭୁବନେଶ୍ୱର, ୧୪।୨ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତରଫରୁ ରାଜସ୍ୱ ଆଦାୟକୁ ନେଇ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଲାଗି ସ୍ୱତନ୍ତ୍ର ରଣନୀତି କରିଛି ବିଏମ୍‌ସି। ଏହି ପରିପ୍ରେକ୍ଷୀରେ ୩୬୪ ଟ୍ୟାକ୍ସ ଖିଲାପକାରୀଙ୍କୁ ରେଡ୍ ନୋଟିସ୍ ଦିଆଯାଇଛି। ସେମାନଙ୍କ ସମୁଦାୟ ବକେୟା ପରିମାଣ ୧୧ କୋଟିରୁ ଅଧିକ ହେବା ସହ ଜଣକା ସର୍ବନିମ୍ନ ୧୦ ହଜାର ଲେଖାଏ ହୋଲ୍ଡିଂ ଟ୍ୟାକ୍ସ ବକେୟା ଥିବା ଗୁରୁବାର ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଯେ, ୨୦୧୯ ଡିସେମ୍ବରରେ ଉକ୍ତ ଖିଲାପକାରୀଙ୍କୁ ବିଏମ୍‌ସି ନୋଟିସ୍ ଦେଇଥିଲା। ହେଲେ ନୋଟିସ୍‌କୁ ଖାତିର ନ କରିବାରୁ ସେମାନଙ୍କ ନାମରେ ରେଡ୍ ନୋଟିସ୍ ପଠାଯାଇଛି। ଆସନ୍ତା ୨୮ ତାରିଖ ସୁଦ୍ଧା ଖିଲାପକାରୀମାନେ ନିଜର ଦେୟ ପୈଠ ନ କଲେ ସେମାନଙ୍କ ଉପରେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ ଡିମାଣ୍ଡ ରିକଭରି ଆକ୍ଟ-୧୯୬୨ ଅନୁଯାୟୀ ସାର୍ଟିଫିକେଟ୍ ମାମଲା ରୁଜୁ କରାଯିବ। ଆହୁରି ମଧ୍ୟ ଓଡ଼ିଶା ମ୍ୟୁନିସିପାଲ୍ ଆଇନ୍-୨୦୦୩କୁ ଭିତ୍ତି କରି ଖିଲାପକାରୀଙ୍କ ବିରୋଧରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯିବ। ତେବେ ଗୁରୁବାର ଟିଜି ସ୍ୱୀକୃତି ଗ୍ରୁପ୍ ବିଭିନ୍ନ ଖିଲାପକାରୀଙ୍କଠାରୁ ୩ ଲକ୍ଷ ୭୩ ହଜାର ୪୦୬ ଟଙ୍କା ଆଦାୟ କରିଛନ୍ତି। ଏହା ସହ ସେଣ୍ଟ୍ରାଲ ଲାଇସେନ୍ସ ସ୍କ୍ୱାଡ୍ ଖାରବେଳନଗର, ବିଗ୍ ବଜାର ଏବଂ ଶୁଭମ୍ ମାର୍କେଟ (ୱାର୍ଡ-୪୧)ରୁ ୪୭ ହଜାର ୫୦୦ ଟଙ୍କା ଆଦାୟ କରିଛନ୍ତି। ଏହାଛଡ଼ା ଏସ୍‌ଏଚ୍‌ଜି ଗ୍ରୁପ୍ ମଧ୍ୟ ୬ ହଜାର ୫୦୦ ଟଙ୍କା ଆଦାୟ କରିଛନ୍ତି।





ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ପ୍ରତିବାଦରେ ଶୁକ୍ରବାର ଭୁବନେଶ୍ୱର ରାଜମହଲ ଛକଠାରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମାତୃପିତୃ ପୂଜନ ଦିବସ

ବାଲିଅନ୍ତା,୧୪।୨(ଡି.ଏନ୍.ଏ.)

ସ୍ଥାନୀୟ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ଶୁକ୍ରବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ଯୋଗଦେଇ ନିଜର ମାତାପିତା ଓ ଗୁରୁମା ଗୁରୁଜୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଛାତ୍ରୀଛାତ୍ରମାନେ ଫୁଲ ଚନ୍ଦନ ଦେଇ ମାତାପିତାଙ୍କୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ନେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଯୋଗଦେଇ ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଓ ସଂସ୍କାରିତ ହେବେ ବୋଲି କହିଥିଲେ।

# ଦିବ୍ୟାଙ୍ଗଙ୍କୁ ସହାୟତା ପାଇଁ ଅଟୋରେ ହୁଣ୍ଡି

## ଶହୀଦ ଦିବସରେ ଅଟୋ ଡ୍ରାଇଭର ଟ୍ରଷ୍ଟର ଭିନ୍ନ ପ୍ରୟାସ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ପୁଲୱାମା ଶହୀଦଙ୍କ ସ୍ମୃତିରେ ଫେବୃୟାରୀ ୧୪ତାରିଖକୁ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଶୁକ୍ରବାର ଏହି ଦିବସ ପାଳନ ଅବସରରେ ଭାରତ ମହାସଂଘ ଅଟୋ ଡ୍ରାଇଭର ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଅସହାୟ ଦିବ୍ୟାଙ୍ଗମାନଙ୍କୁ ସହାୟତା ନିମନ୍ତେ ବିଭିନ୍ନ ଅଟୋରେ ହୁଣ୍ଡି ସ୍ଥାପନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫ଟି ଅଟୋରେ ଏହି ହୁଣ୍ଡି ସ୍ଥାପନ କରାଯାଇଛି। ଅଟୋରେ ଯାଉଥିବା ଯାତ୍ରୀମାନେ ଯାହା କିଛି ଦାନ ଦେବେ ସେହି ଅର୍ଥକୁ ଅସହାୟ ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରାଯିବ। ଶୁକ୍ରବାର ଆଇ.ଜି ପାର୍କ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଅତିରିକ୍ତ ଟ୍ରାଫିକ ଡିସିପି ଡା. କେ.କେ. ପାଣିଗ୍ରାହୀ ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ।



ଜଣେ ଦିବ୍ୟାଙ୍ଗ ଅଟୋଚାଳକଙ୍କୁ ଆଶାବାଡ଼ି ପ୍ରଦାନ କରାଯାଉଛି।

ଏହି ଅବସରରେ ଜଣେ ଦିବ୍ୟାଙ୍ଗ ଅଟୋଚାଳକଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକାଧିକ ଅଟୋ ଚାଳକ ସାମିଲ ହୋଇ ଏଭଳି ମହତ କାର୍ଯ୍ୟକୁ ଆଗେଇ ନେବା ପାଇଁ ଶପଥ ନେଇଥିଲେ।

# 'କୃଷ୍ଣପ୍ରସାଦଙ୍କ ଉପନ୍ୟାସ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୧୪।୨(ବ୍ୟୁରୋ)

କୃଷ୍ଣପ୍ରସାଦ ସ୍ମୃତି ପରିଷଦ ପକ୍ଷରୁ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନ ବିଭାଗରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର କୃଷ୍ଣ ପ୍ରସାଦ ମିଶ୍ରଙ୍କ ଉପନ୍ୟାସ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦଙ୍କ ବନ୍ଧୁ ତଥା ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର କମଳା ପ୍ରସାଦ ମହାପାତ୍ର ଯୋଗଦେଇ 'କୃଷ୍ଣ ପ୍ରସାଦଙ୍କ ଉପନ୍ୟାସ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ନିଜ ଲେଖକ ଜୀବନରେ କୃଷ୍ଣ ପ୍ରସାଦ ଲେଖିଥିବା ତିନୋଟି ଉପନ୍ୟାସରେ ଚମତ୍କାର ଦାର୍ଶନିକ ଦୃଷ୍ଟିଭଙ୍ଗୀ ଦେଇଥିଲେ ବୋଲି ପ୍ରଫେସର ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି ପରିଷଦର ଦୁଇ ଆବାହକ ଡ. ସୌରିବନ୍ଧୁ କର ଏବଂ ଡ. ବିରାଜ ମୋହନ ଦାସ ଯଥାକ୍ରମେ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଏଥିରେ ଦର୍ଶନ ବିଭାଗର ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ବହୁ ସାହିତ୍ୟିକ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ ଚେତାବନୀ

### ମିଳୁନି ସପ୍ତମ ବେତନ କମିଶନ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସରକାରୀ ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ୨୦୧୬ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ ବର୍ଦ୍ଧିତ ଦରମା ପାଉଛନ୍ତି। ମାତ୍ର ସରକାରୀ ଅନୁଦାନ ପରିସରଭୁକ୍ତ ହୋଇଥିବା ୬୬୨ ବର୍ଗର କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ଏ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ହାରରେ ଦରମା ମିଳୁ ନାହିଁ। ଏହାକୁ ନେଇ ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଲେଜରେ ଉପସ୍ଥାନ ପାଇଁ ବାୟୋମେଟ୍ରିକ ମେଶିନ ଲଗାଇବା ସହ ପାଠପଢା ଓ ଉପସ୍ଥାନ ସମୟକୁ କଡାକଡି କରାଯାଇଥିବା ବେଳେ ଚାକିରି ସର୍ତ୍ତାବଳୀ ଏବଂ ସପ୍ତମ ବେତନ କମିଶନ ହାରରେ ଦରମା ଦେବା ନେଇ ସରକାରୀ ଉଦାସୀନତା ଶିକ୍ଷକ ଓ କର୍ମଚାରୀଙ୍କୁ ବ୍ୟଥିତ କରିଛି। ଉଚ୍ଚଶିକ୍ଷା ବିଭାଗର କେତେକ ଅଧିକାରୀ ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ ଦରମା ଦେବା ନେଇ ୪୮୮ ଏବଂ ୬୬୨ ବର୍ଗ ଅଧ୍ୟାପକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବାକୁ ମସୁଧା ଚଳାଇଛନ୍ତି। ଦୀର୍ଘଦିନ ହେବ ଏ ସମ୍ପର୍କିତ ଫାଇଲକୁ ଅର୍ଥ ବିଭାଗକୁ ନ ପଠାଇ ଚାପି ରଖିଛନ୍ତି। ଏ ନେଇ ସୁରାକ ମିଳିବା ପରେ ଅଧ୍ୟାପକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସପ୍ତମ ବେତନ କମିଶନ ହାରରେ ଦରମା ଦେବା ନେଇ ଯଦି ବିଭାଗ ପକ୍ଷରୁ ଉଭୟ ବର୍ଗଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି କରାଗଲେ ଆଗକୁ ଭୟଙ୍କର ଆନ୍ଦୋଳନ ହେବ ବୋଲି ୬୬୨ ବର୍ଗ କଲେଜ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ସଂଖ୍ୟାଲଘୁ ସମ୍ପ୍ରଦାୟ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିଦିନ ତଳେ ରାଜ୍ୟର ବିଭିନ୍ନ ସଂଖ୍ୟାଲଘୁ ଧର୍ମପୀଠଗୁଡିକ ଉନ୍ନୟନ ପାଇଁ ସହାୟତା ରାଶି ଘୋଷଣା କରିଥିଲେ। ଏହି ଘୋଷଣାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ରାଜ୍ୟର କୋଣଅନୁକୋଣରୁ ସଂଖ୍ୟାଲଘୁ ପ୍ରତିନିଧି, ନେତା ଏବଂ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି କ୍ରମରେ ଶୁକ୍ରବାର ବିଜେଡି ସଂଖ୍ୟାଲଘୁ ଫୋରମ୍ ନେତା ମୁନ୍ନା ଖାଁ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଗୁରୁବାର ମଧ୍ୟ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ।

## କୃଷି ବିଭାଗ, ଇଡ୍‌କୋକୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଓଡ଼ିଶା ସରକାରଙ୍କ କୃଷି ଭବନକୁ ୨୦୨୦ ବର୍ଷ ପାଇଁ ସରଫେସ୍ ଡିଜାଇନ୍ ଆୱାର୍ଡ ମିଳିଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କୃଷି ବିଭାଗ ଓ ଇଡ୍‌କୋକୁ ଶୁଭେଚ୍ଛା ଜଣାଇଛନ୍ତି। କୃଷି ଭବନ ସୁପ୍ରିମ୍ ଆୱାର୍ଡ ଏବଂ ପବ୍ଲିକ ବିଲ୍ଡିଂ ଏକ୍ସଟେରିୟର ଏବଂ ଇଣ୍ଟେରିୟର ଡିଜାଇନ୍ ଆୱାର୍ଡ ଲାଭ କରିଛି।



କର୍ମଫଳ ଭୋଗ କରିବା ପାଇଁ ଅହିଂସା ବ୍ରତ ପାଳନ, ବାସନାହୀନ ଜୀବନଯାପନ ଓ କଠୋର ସାଧନା କରିବା ଆବଶ୍ୟକ।
- ମହାବୀର ଜୈନ

# ଏସ୍‌ସିବି ମେଡିକାଲରେ ଖୋଲିଲା ଜରୁରିକାଳୀନ ଲୋକ ସମ୍ପର୍କ କାର୍ଯ୍ୟାଳୟ

କଟକ ଅଫିସ,୧୪।୨

କଟକ ଏସ୍‌ସିବି ମେଡିକାଲ ପରିସରରେ ୨୪ ଘଣ୍ଟିଆ ଜରୁରିକାଳୀନ ଲୋକ ସମ୍ପର୍କ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଦୁର୍ଘଟଣାର ଶିକାର ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହେଉଥିବା ଆହତ ଏବଂ ମୃତକଙ୍କ ସମ୍ପର୍କରେ ସୂଚନା ପାଇବା ପାଇଁ ପୂର୍ବରୁ ସମ୍ପର୍କୀୟମାନେ ହଇରାଣ ହେଉଥିଲେ। ଏଣିକି ଏହି କାର୍ଯ୍ୟାଳୟ ଖୋଲାଯିବା ଦ୍ୱାରା ଏଠାରେ ସମସ୍ତ ପ୍ରକାର ସୂଚନା ମିଳିପାରିବ। ଏଥିସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୮୦୦-୩୪୫-୯୫୯୫ ଏକ ଟୋଲ ଫ୍ରି ନମ୍ବର ଏବଂ ଲ୍ୟାଣ୍ଡ ଫୋନ ନଂ- ୦୬୭୧-୨୪୧୧୪୭୭ ମଧ୍ୟ ଜାରି କରାଯାଇଛି ବୋଲି ମନ୍ତ୍ରୀ ଦାସ କହିଥିଲେ। ଏହି ନମ୍ବରରେ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବ। ସେଣ୍ଟ୍ରାଲ ସିକ୍ୟୁରିଟି କଣ୍ଟ୍ରୋଲ ରୁମ୍ (ନଂ.୮୮୯୫୦୦୨୨୧୩)କୁ କଲ୍ ଆସିଲେ ସେଠାରେ ଥିବା ଅପରେଟରମାନେ ଯଥାଶୀଘ୍ର ସମସ୍ତ ବିଭାଗର ମୁଖ୍ୟ, କାଜୁଆଲ୍‌ଟି ଓ ସମସ୍ତ ବିଭାଗକୁ ସୂଚନା ପ୍ରଦାନ କରିବେ। ସରକାରଙ୍କ ସହ ସହବନ୍ଧିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀ ଯଦି ଏସ୍‌ସିବି ମେଡିକାଲକୁ ଚିକିତ୍ସା ପାଇଁ ଆସିବାକୁ ଚାହିଁବେ, ତାହା ହେଲେ ଏହି କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଯୋଗାଯୋଗ କଲେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଏହି ବ୍ୟବସ୍ଥା ଫଳରେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ଅନେକ ସୁବିଧା ପାଇପାରିବେ। ବଡଧରଣର ଆକସ୍ମିକ ଦୁର୍ଘଟଣା, ନିଆଁରେ ଆହତ ହୋଇଥିବା ବ୍ୟକ୍ତି ଓ ମେଡିକାଲ ପରିସରରେ ଉପୁଜୁଥିବା ବିଭିନ୍ନ ସମସ୍ୟା, ଜନସାଧାରଣଙ୍କ ଅନ୍ୟ କିଛି ଗୁରୁତର ବିଷୟ ସମ୍ପର୍କରେ ଜିଲା ପ୍ରଶାସନ, ଅଗ୍ନିଶମ ବିଭାଗ, ଉଚ୍ଚପଦସ୍ଥ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକୁ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ସୂଚନା ପ୍ରଦାନ କରିପାରିବେ। ସେହିପରି ଆମ୍ବୁଲାନ୍ସ, ଶବବାହକ ଗାଡି ପାଇଁ ରୋଗୀ ମଧ୍ୟ ଏହି କେନ୍ଦ୍ରରୁ ସେବା ପାଇପାରିବେ।

ଏହି କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟିକା ଉଷା ଦେବୀ, ବିଧାୟକ ସୌଭିକ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ, ଏସ୍‌ସିବି ମେଡିକାଲ କଲେଜ ଅଧୀକ୍ଷକ ଡା. ସରୋଜ କୁମାର ସାହୁ, ଅଧ୍ୟକ୍ଷ ଡା. ଜୟଶ୍ରୀ ମହାନ୍ତି, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ଜରୁରୀ ଅଧିକାରୀ ଭୁବନାନନ୍ଦ ମହାରଣାଙ୍କ ସମେତ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ଉନ୍ନତ ଚିକିତ୍ସା ସେବାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହାକୁ ଏମ୍ସ ପ୍ଲସ ଢାଞ୍ଚାରେ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମୋ ସରକାର ଏବଂ ୫-ଟି କାର୍ଯ୍ୟକ୍ରମ ଜରିଆରେ ଏହି କାର୍ଯ୍ୟାଳୟ ଖୋଲାଯାଇଥିବା କୁହାଯାଇଛି।



ଜରୁରିକାଳୀନ ଲୋକ ସମ୍ପର୍କ କାର୍ଯ୍ୟାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।




■ ଫୋନ୍ କଲ୍‌ରେ ମିଳିବ ସବୁ ସୂଚନା
■ ଜାରି ହେଲା ହେଲ୍‌ପ ଲାଇନ୍ ନମ୍ବର

## ପ୍ରେମ ଦିବସରେ ବନ୍ଧୁ ଲାଗି ଅର୍ଥ ସଂଗ୍ରହ



ପୁରୀ ଅଫିସ,୧୪।୨

ଫେବୃୟାରୀ ୧୪। ଭାଲେଣ୍ଟାଇନ ଡେ ତଥା ପ୍ରେମ ଦିବସ। ଏହି ଦିନକୁ ନେଇ ପ୍ରେମୀଯୁଗଳଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଲାଗି ରହିଥିବାବେଳେ ଅନ୍ୟପଟେ କେତେଜଣ ଯୁବକ ପିଲାବେଳର ବନ୍ଧୁଙ୍କ ଚିକିତ୍ସା ପାଇଁ ସାହି ସାହି ବୁଲି ଅର୍ଥ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଥିଲା। ଏଭଳି ନିଆରା ଦୃଶ୍ୟ ଶୁକ୍ରବାର ପୁରୀର ପେଣ୍ଟକଟା ଅଞ୍ଚଳରେ ଦେଖାଯାଇଛି। ଯୁବକମାନେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ପେଣ୍ଟକଟାର ନୋଳିଆ ବସ୍ତିରେ ବୁଲି ଅର୍ଥ ଯୋଗାଡ଼ କରିଥିଲେ।

ସୂଚନା ଅନୁଯାୟୀ, ପୁରୀ ବେଳାଭୂମି ନିକଟ ପେଣ୍ଟକଟା ଅଞ୍ଚଳର ଡି.ବାବାଜୀ ଓ ମା ଚିତାମ୍ମାଙ୍କ ବଡ଼ ପୁଅ ହେଉଛନ୍ତି ଡି.ବିଶାଖା(୧୮)। ଗତ ଏକ ମାସ ହେବ ବିଶାଖା ମେରୁଦଣ୍ଡଜନିତ ରୋଗରେ ଆକ୍ରାନ୍ତ ହୋଇ ହାଇଦ୍ରାବାଦସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବାବେଳେ ବାବାଜୀ ଗରିବ ଶ୍ରେଣୀର ହୋଇଥିବାରୁ ବାଧକ ସାଜିଛି ଅର୍ଥ। ପେଶାରେ ବାବାଜୀ ଜଣେ ମତ୍ସ୍ୟଜୀବୀ। ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର। ଅଭାବ ଅନଟନ କାରଣରୁ ସେ ଅଧିକ ପାଠ ପଢ଼ି ନ ଥିଲେ। କିନ୍ତୁ ପିଲାଙ୍କ ପାଠପଢ଼ା ଲାଗି କୌଣସି ଅସୁବିଧା କରୁ ନ ଥିଲେ। ବିଶାଖା ବଡ଼ ପୁଅ ହୋଇଥିବାରୁ ଭଲପାଠ ପଢି ଜଣେ ଭଲ ମଣିଷ ହେଉ ବୋଲି ଆଶା କରିଥିଲେ। ତେବେ ହଠାତ୍ ଦିନେ ବିଶାଖା ମେରୁଦଣ୍ଡରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରେ ଦେଖାଇଥିଲେ। ସେଠାରେ ଚିକିତ୍ସାବେଳେ ବିଶାଖାଙ୍କୁ ବୋନ୍ ମେରୋ ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ସେଠାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ହାଇଦ୍ରାବାଦରେ ଚିକିତ୍ସା କରୁଛନ୍ତି। ବିଶାଖା ସମ୍ପୂର୍ଣ୍ଣ ସୁସ୍ଥ ହେବା ଲାଗି ଡାକ୍ତର ପ୍ରାୟ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରିଥିଲେ। ବାବାଜୀଙ୍କ ଆର୍ଥିକ ସମ୍ବଳ ନ ଥିବାରୁ ଏହି କଥା ଶୁଣି ସେ ଭାଙ୍ଗି ପଡିଥିଲେ। ଏହି କଥା ଆସି ଗ୍ରାମରେ କେତେଜଣ ଲୋକଙ୍କୁ କହିଥିଲେ।

■ ଚିକିତ୍ସାରେ ଅର୍ଥ ସାଜିଛି ବାଧକ
■ ଆବଶ୍ୟକ ୨୦ଲକ୍ଷ, ସଂଗ୍ରହ ହୋଇଛି ୩.୬ଲକ୍ଷ

### ସହଯୋଗର ହାତ ବଢ଼ାଇଲେ ବନ୍ଧୁ

ବିଶାଖାର ଏହି ଖବର ଶୁଣି ପୁରୀ ନୋଳିଆ ବସ୍ତିର ତେଲୁଗୁ ଯୁବକ ସଂଘର କେତେଜଣ ଯୁବକ ଏବଂ ବିଶାଖାଙ୍କ ସାଙ୍ଗସାଥୀ ତାଙ୍କ ଚିକିତ୍ସାରେ ସହଯୋଗ ଲାଗି ଆଗେଇ ଆସିଛନ୍ତି। କୁହାଯାଏ ବିପଦରେ ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ପିଲାବେଳର ସାଙ୍ଗର ଚିକିତ୍ସାରେ ସହଯୋଗ ଲାଗି ଅଣ୍ଟା ଭିଡିଛନ୍ତି ଏହି ବନ୍ଧୁମାନେ। ନୋଳିଆ ବସ୍ତିରେ ରହୁଥିବା ତେଲୁଗୁ ଯୁବକ ସଂଘର ନେତୃତ୍ୱରେ ଶତାଧିକ ଯୁବତୀ ଯୁବକ ଏଥିରେ ସାମିଲ ହୋଇଛନ୍ତି। କେବଳ ପେଣ୍ଟକଟା ଅଞ୍ଚଳ ବାସିନ୍ଦାଙ୍କ ଠାରୁ ଅର୍ଥ ଯୋଗାଡ ଚାଲିଛି। ଏଥିସହିତ କୋଣାର୍କ ନୋଳିଆ ବସ୍ତିର କେତେଜଣ ଯୁବକ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ଇତି ମଧ୍ୟରେ କୋଣାର୍କ, ଚନ୍ଦ୍ରଭାଗା ଅଞ୍ଚଳରୁ ୬୦ ହଜାର ଏବଂ ପୁରୀ ପେଣ୍ଟକଟା ଅଞ୍ଚଳରୁ ପ୍ରାୟ ୩ ଲକ୍ଷ ଟଙ୍କା ଅର୍ଥ ଯୋଗାଡ କରାଯାଇଥିବା ସିଏଚ. ନାରାୟଣ କହିଛନ୍ତି। ଏଥିରେ ପି.ସୀମାଞ୍ଚଳ, ଏ.ପ୍ରସାଦ, ଭି. ସୁରେଶ, ଓ. ବାବୁଜି, ପି.ଶ୍ରୀନୁ, ଓ.ଦ୍ରାବିଡ, ଭି.ସତିଶଙ୍କ ସମେତ ସ୍ଥାନୀୟବାସିନ୍ଦା ମଧ୍ୟରେ ଏଥିରେ ସାମିଲ ହୋଇଛନ୍ତି। ବିଶାଖାଙ୍କ ଚିକିତ୍ସା ଲାଗି ସମସ୍ତ ଅର୍ଥ ଯୋଗାଡ ହେବା ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ନାରାୟଣ କହିଛନ୍ତି।

## ୨୨ରେ ଉଦ୍‌ଘାଟନ ହେବ ଶାଶ୍ୱତ ଗାନ୍ଧୀ କେନ୍ଦ୍ର

**ଭୁବନେଶ୍ୱର, ୧୪।୨(ବ୍ୟୁରୋ):** ବହୁଦିନର ପ୍ରତୀକ୍ଷା ପରେ ଉଦ୍‌ଘାଟିତ ହେବ ଶାଶ୍ୱତ ଗାନ୍ଧୀ କେନ୍ଦ୍ର। ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ପାଇବେ ପର୍ଯ୍ୟଟକ। ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଖଣ୍ଡଗିରି-ଉଦୟଗିରି ଗୁମ୍ଫା ନିକଟରେ ଥିବା ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ରରେ ଇଣ୍ଟର୍‌ନାଲ୍ ଗାନ୍ଧୀ ପିସ୍ ସେଣ୍ଟର (ଶାଶ୍ୱତ ଗାନ୍ଧୀ କେନ୍ଦ୍ର) କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ୨୦୧୩ରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଆଦିତ୍ୟ ବିର୍ଲା ଗ୍ରୁପ୍ ମଧ୍ୟରେ ଏମ୍‌ଓୟୁ ଚୁକ୍ତିନାମା ହୋଇଥିଲା। ୨୦୧୭ରୁ ଏହି କେନ୍ଦ୍ର ପାଇଁ ୫ଏକର ଜମିରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାତ୍ମା ଗାନ୍ଧୀ ୮ଥର ଓଡ଼ିଶାକୁ ଆସିଥିଲେ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଥିଲେ। ପର୍ଯ୍ୟଟକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ଏହା କରାଯାଇଛି ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏହି ଶାଶ୍ୱତ ଗାନ୍ଧୀ କେନ୍ଦ୍ରକୁ ୨୨ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ୬ଟି କୋଠରି ବିଶିଷ୍ଟ ଏହି କେନ୍ଦ୍ରରେ ମହାତ୍ମା ଗାନ୍ଧୀଙ୍କ ବିଭିନ୍ନ ବ୍ୟବହୃତ ସାମଗ୍ରୀ ରହିବା ସହିତ ଗାନ୍ଧିଜୀଙ୍କ ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ପାଇଁ ବିଭିନ୍ନ ସାମଗ୍ରୀ ରହିବ। କିଛି ସାମଗ୍ରୀ କଟକ, ଭଦ୍ରକ ଆଦି ଜିଲାରୁ ସଂଗୃହୀତ ହୋଇଛି ବୋଲି ସୂଚନା ମିଳିଛି। ଏହାସହିତ ଗାନ୍ଧିଜୀଙ୍କ ବିଷୟରେ ଏକ ଇଣ୍ଟରଆକ୍ଟିଭ୍ ମଲ୍‌ଟିମିଡିଆ ଶୋ' କରାଯିବ। କେନ୍ଦ୍ରରେ ଗାନ୍ଧିଜୀଙ୍କର ୪ରୁ ଉର୍ଦ୍ଧ୍ୱ ପ୍ରତିମୂର୍ତ୍ତି ଏବଂ ନୀତିବାଣୀ ଥିବା ଏକ ସ୍ତମ୍ଭ ରହିଛି।

## ବେଆଇନ ଟିକେଟ ବୁକିଂ: ଜଣେ ଗିରଫ

**ଲାପ୍‌ଟପ, ୪୦ ହଜାର ଟଙ୍କାର ଟିକଟ ଜବତ**

**ପୁରୀ ଅଫିସ,୧୪।୨:** ଆର୍‌ପିଏଫ ପୋଲିସ ବେଆଇନ ଭାବେ ଟିକଟ ବୁକିଂ କରିବା ଅଭିଯୋଗରେ ଶୁକ୍ରବାର ଜଣକୁ ଗିରଫ କରିଛି। ସେ ହେଲେ ପି.ଭାସ୍କର ରାଓ। ସମୁଦ୍ରକୂଳ ବେଳାଭୂମି ମାର୍ଗରେ ଅବସ୍ଥିତ ଏକ ଟୁର ଓ ଟ୍ରାଭେଲ୍ସ ନାମରେ ସଂସ୍ଥା ରହିଛି। ତାଙ୍କ ଠାରୁ ରିଜର୍ଭେସନ୍ ଟିକଟ୍, ଯାହାର ମୂଲ୍ୟ ପ୍ରାୟ ୪୦ହଜାର ଟଙ୍କା, ଗୋଟିଏ ଲାପଟପ ଏବଂ ମୋବାଇଲ ଜବତ କରାଯାଇଥିବା ଥାନାଧିକାରୀ ଅନିଲ କୁମାର ସିଂ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ଗିରଫ ଅଭିଯୁକ୍ତ ବେଆଇନ ଭାବେ ରେଲୱେ ଟିକଟ କରୁଥିବା ନେଇ କୌଣସି ସୂତ୍ରରୁ ଖବରପାଇ ଆରପିଏଫ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେ କୌଣସି ସନ୍ତୋଷଜନକ କାଗଜପତ୍ର ଦେଖାଇପାରି ନ ଥିଲେ। ପରେ ଆରପିଏଫ ତାଙ୍କୁ ଗିରଫ କରିଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

ଘରେ ବସି ଫୋନ୍‌ରେ ସବୁ ସମସ୍ୟାର ସମାଧାନ
ଯଦି ଅଛି ସମାଧାନ ତେବେ କାହିଁକି ହେଉଛନ୍ତି ବିବ୍ରତ
ଗୁରୁଜୀ ବଙ୍ଗାଳି ତାନ୍ତ୍ରିକ
ଆମ ପାଖରେ ବିଦ୍ୟା ଅଛି ମିଛ ପ୍ରତିଶ୍ରୁତି ନୁହେଁ
ଶକ୍ତି ଚମତ୍କାର ଦେଖନ୍ତୁ 7 ଘଣ୍ଟାରେ ଗ୍ୟାରେଣ୍ଟିଡ୍, ପ୍ରେମ ବିବାହ, ବଶୀକରଣ କରାଇବା/ଭାଙ୍ଗିବା, ଯାଦୁ ଟୋନା, ସଉତୁଣୀ, ଶତ୍ରୁ ସମସ୍ୟା, ବିବାହ ପାଇଁ ଘର ଲୋକଙ୍କୁ ରାଜି କରାଇବା, ସ୍ୱାମୀ ସ୍ତ୍ରୀ ଶାଶୁ ବୋହୂଙ୍କ ମନୋମାଳିନ୍ୟ, କୋର୍ଟ କଚେରି, ଜମିବାଡ଼ି ବିବାଦ, ସନ୍ତାନ ନ ହେବା, ରୋଗରେ ଔଷଧ କାମ ନ କରିବା, କେହି କିଛି ଖୁଆଇ ପିଆଇଦେବା କିମ୍ବା ଉପରି ପ୍ରଭାବ, ବ୍ୟବସାୟ ବନ୍ଧନ ଭଳି ସମସ୍ୟାର ସମାଧାନ ଅଛି ଆମ ନିକଟରେ । ନିରାଶ ମାତା ଭଉଣୀ ନିଶ୍ଚୟ ଫୋନ୍ କରନ୍ତୁ ।
9917255848
9761318693

BUSINESS
ଖାଲିଥିବା ଜମି ଓ ଛାତ ଉପରେ Tower Vision ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 40,000,00- 70,000,00/- ପାଆନ୍ତୁ ଓ ମାସକୁ ଭଡା 35,000 - 650000/- ଟଙ୍କା ପାଆନ୍ତୁ । + Agreement ଆଜି ହିଁ ସଂମ୍ପର୍କ କରନ୍ତୁ
Phase-4 Gurugram Haryana 122015
08794551889

FINANCE
NAB ଋଣ ଲିମିଟେଡ୍ ଆଣିଛି ସବୁ ସମସ୍ୟାର ସମାଧାନ
0% ସୁଧ 50% ଛାଡରେ
ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ ।
Plot No 428/74, Shahnajaf Rd, Lucknow, Uttar Pradesh 226001
9410319710
7579455687

ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ ।
ଅଗ୍ରିମ- 50,00,000/-
+ ଭଡ଼ା- 50,000/-
+ 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

FINANCE
CAPITAL ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
9499411272

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 2000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

FINANCE

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ-୬୦,୦୦,୦୦୦) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ । Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

HEALTH CARE

nature natural
AYURVEDIC LIFE CARE
ଆୟୁର୍ବେଦିକ ଥେରାପିଷ୍ଟ ତାଲିମ
ନେଚର ନେଚୁରାଲ ଆୟୁର୍ବେଦିକ ଲାଇଫ କେୟାରର ତ୍ରୈମାସିକ ଆୟୁର୍ବେଦିକ ଥେରାପିଷ୍ଟ ତାଲିମ (ଫେବୃୟାରୀ ୨୦୨୦ରୁ ଆରମ୍ଭ ହେଉଅଛି) ଇଚ୍ଛୁକ ପ୍ରାର୍ଥୀ (ଉଭୟ ବାଳକ/ବାଳିକା)ମାନେ ନିମ୍ନଲିଖିତ ଠିକଣାରେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଭିତରେ ଯୋଗାଯୋଗ କରିବାକୁ ଅନୁରୋଧ।
ଯୋଗ୍ୟତା- ମାଟ୍ରିକ୍ ପାସ୍/ତଦୂର୍ଦ୍ଧ୍ୱ
ବୟସ- ୧୮-୩୫ ବର୍ଷ ମଧ୍ୟରେ
ମୋବାଇଲ୍ ନମ୍ବର-
୯୨୩୮୨୩୯୭୮୬, ୯୪୩୭୫୭୭୩୨୪


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆମ୍ବୁଲାନ୍ସକୁ ବାଟ ଛାଡୁ ନ ଥିବା ଗାଡ଼ିଚାଳକ ଗଣିବେ ଜରିମାନା

## ଭିଡିଓ ପଠାଇବାକୁ ଅନୁରୋଧ କଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ରାଜଧାନୀରେ ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ(ଓଡି-୩୩ୱାଇ-୬୦୧୯) ଫସିଯିବା ଯୋଗୁ ଶିଶୁପୁତ୍ର ନୀଲ୍ ନୀତୀଶ୍‌ଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ମହଲରୁ କମିଶନରେଟ ପୋଲିସ ଉପରେ ଦୋଷ ଲଗାଯାଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟ୍ରାଫିକ ଡିସିପି ସାଗରିକା ନାଥ ଏବଂ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରିଥିଲେ। ତେବେ ଘଟଣା ଦିନ ଆମ୍ବୁଲାନ୍ସ ହସ୍ପିଟାଲରେ ପହଞ୍ଚିବାରେ ମାତ୍ରାଧିକ ବିଳମ୍ବ ହୋଇ ନ ଥିବା ପୋଲିସ ସଫେଇ ଦେଇଥିଲେ ମଧ୍ୟ ତାହାକୁ କେହି ବିଶ୍ୱାସ କରି ନ ଥିଲେ। ଏନେଇ କମିଶନରେଟ୍ ପୋଲିସ ଶୁକ୍ରବାର ଟୁଇଟ୍ କରି ସିସିଟିଭି ଫୁଟେଜ୍ ଆଧାରିତ ସମୟ ଜଣାଇଛି। ତଦନୁଯାୟୀ ଉକ୍ତ ଆମ୍ବୁଲାନ୍ସକୁ ରାଜଭବନ ଛକରୁ ବାହାରି କିମ୍ସ ହସ୍ପିଟାଲରେ ପହଞ୍ଚିବା ପାଇଁ ମୋଟ ୧ ଘଣ୍ଟା ୨୦ ମିନିଟ୍ ନୁହେଁ ୨୨ମିନିଟ୍ ୩୮ ସେକେଣ୍ଡ ସମୟ ଲାଗିଥିବା ଟୁଇଟ୍‌ରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଆମ୍ବୁଲାନ୍ସକୁ ବାଟ ଛାଡୁ ନ ଥିବା ଗାଡ଼ିଚାଳକମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ତେଣୁ ଉକ୍ତ ଗାଡ଼ିଚାଳକମାନେ ବାଟ ଛାଡୁ ନ ଥିବା ସମୟର ଭିଡିଓ ପୋଲିସ କିମ୍ବା ଆର୍‌ଟିଓ ନିକଟକୁ ପଠାଇବାକୁ ଟ୍ରାଫିକ୍ ଡିସିପି ନାଥ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏପରି କି ଆମ୍ବୁଲାନ୍ସକୁ ବାଟ ଛାଡ଼ି ନ ଥିବା ୩ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ଟ୍ରାଫିକ୍‌ଡିସିପି ନାଥ କହିଛନ୍ତି।

ସୂଚନାଥାଉ କି, ଟ୍ରାଫିକ୍ ଭିଡ଼ ଯୋଗୁ ଆମ୍ବୁଲାନ୍ସ ଏକ ଘଣ୍ଟା ୨୦ ମିନିଟ୍‌ରେ କିମ୍ସ ହସ୍ପିଟାଲରେ ପହଞ୍ଚିଥିଲା ବୋଲି ମୃତ ଶିଶୁଙ୍କ ବାପା ନୀରୋଦ ନାୟକ କହିଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ମିଥ୍ୟା ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଏପରି କି ସେ 'ସାମ୍ବାଦିକମାନେ ଜ୍ଞାନୀ ହୁଅନ୍ତୁ, ସବୁଦିଗକୁ ଲକ୍ଷ୍ୟ କରି ଖବର ପରିବେଷଣ କରନ୍ତୁ' ବୋଲି କହିଛନ୍ତି। ଟୁଇଟ୍‌ରେ ଦର୍ଶାଯାଇଛି ଯେ, ଆମ୍ବୁଲାନ୍ସଟି କ୍ୟାପିଟାଲ ହସ୍ପିଟାଲରୁ ବାହାରି ଏଜି ଛକ ଦେଇ ଯାଇ ନ ଥିଲା। ବରଂ ରାଜଭବନ ଛକରେ ପୂର୍ବାହ୍ନ ୧୦ଟା ୧ ମିନିଟ୍ ୪୦ ସେକେଣ୍ଡରେ ଗତି କରିଥିଲା। ସେହିଭଳି ୧୨୦ ବାଟାଲିୟନ ଛକରେ ୧୦ଟା ୨ମିନିଟ୍ ୩୭ ସେକେଣ୍ଡ ଏବଂ ନାଲ୍‌କୋ ଛକରେ ୧୦ଟା୧୦ ମିନିଟ୍ ୨୯ ସେକେଣ୍ଡରେ ପାସ୍ କରିଥିଲା। କିମ୍ସରେ ୧୦ଟା ୨୪ ମିନିଟ୍ ୧୮ ସେକେଣ୍ଡରେ ପହଞ୍ଚିଥିଲା।

ପୂର୍ବରୁ ଟ୍ରାଫିକ ଜାମ୍ ଯୋଗୁ ଶିଶୁଙ୍କ ମୃତ୍ୟୁ ଘଟିଥିବା ଆମ୍ବୁଲାନ୍ସ ଡ୍ରାଇଭର ଆଲୋକ ଖୁଣ୍ଟିଆ କହିଥିଲେ। ହେଲେ ଏବେ ସେ ନିଜର ବୟାନ ବଦଳାଇଛି। ସେ କହିଛନ୍ତି ଯେ, ୨୨ ମିନିଟ୍ ଲାଗିଥିଲା କିମ୍ସରେ ପହଞ୍ଚିବାକୁ। କିନ୍ତୁ ଶିଶୁଙ୍କ ବାପା ବାରମ୍ବାର ଗାଡ଼ିରୁ ବାହାରି ଲୋକଙ୍କୁ ହଟାଉଥିଲେ। ତାଙ୍କୁ ଗାଡିରୁ ନ ଓହ୍ଲାଇବା ପାଇଁ କୁହାଯାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ ବୋଲି ଆଲୋକ କହିଛନ୍ତି।

**ଟ୍ରାଫିକ ଜାମ୍‌ରେ ଶିଶୁଙ୍କ ମୃତ୍ୟୁ ଘଟଣାରେ ପୋଲିସ୍ ଟୁଇଟ୍**

**୨୨.୩୮ ମିନିଟ୍‌ରେ କିମ୍ସ ହସ୍ପିଟାଲ ପହଞ୍ଚିଥିଲା ଆମ୍ବୁଲାନ୍ସ**


COMMISSIONERATE POLICE · 5h
Fact Check:
CCTV footage show that Ambulance OD 33 Y 6019 took 22 mnts 38 sec on 11th Feb from Raj Bhavan Sq. to KIMS.
Raj Bhavan Sq.10:01:40 AM
120 TA Bn Sq. 10:02:37AM
Nalco Sq. 10:10:29AM
KIMS- 10:24:18AM
(Didn't go through AG sq.)
Dr Sudhanshu Sarangi and 4 others
17 11 139


ପୁରୀ ବେଳାଭୂମିରେ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ।

# ସରିଲା ପଞ୍ଚମବେଦ ନାଟକ ମହୋତ୍ସବ

**ଚୌଧୁରୀ ଜୟପ୍ରକାଶ ଦାସଙ୍କୁ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ'**

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଦୁନିଆରେ ସେ ହିଁ ଖୁସି, ଯିଏ ଅଳ୍ପରେ ସନ୍ତୁଷ୍ଟ। ଆଉ ସେ ବି ଖୁସି, ଯିଏ ଈର୍ଷା କରେନା। ହେଲେ ଏ ସମାଜରେ ଏମିତି ବି ଲୋକ ଅଛନ୍ତି, ଯେଉଁମାନେ ଜନ୍ମଗତ ଅଭ୍ୟାସ ଭଳି ଅଯଥାରେ ଛୋଟ କଥାକୁ ବଡ଼ କରି କଳି କରିବାକୁ ଭଲପାଆନ୍ତି। ତୁଚ୍ଛଟାରେ ତିଳକୁ ତାଳ କରିବାରେ ସେମାନେ ସିଦ୍ଧହସ୍ତ। ସ୍ଥାନ, କାଳ, ପାତ୍ର କିଛି ନ ଦେଖି ଛୋଟ କଥାକୁ ନେଇ ମହାଭାରତ କରିବସନ୍ତି। ଠିକ୍ ସେମିତି ହୋଇଥିଲା ନାଟକ 'ମକଦ୍ଦମା'ରେ। ନାଟ୍ୟାନୁଷ୍ଠାନ ପଞ୍ଚମବେଦ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ 'ପଞ୍ଚମବେଦ ସମ୍ମାନ-୨୦୨୦'ର ଶୁକ୍ରବାର ଉଦ୍‌ଯାପନୀ ସମାରୋହରେ ନାଟକଟି ମଞ୍ଚସ୍ଥ ହୋଇଥିଲା। ନାଟ୍ୟାନୁଷ୍ଠାନ 'ସଞ୍ଚାରୀ' ପକ୍ଷରୁ ପରିବେଷଣ ହୋଇଥିବା ଏହି ହାସ୍ୟରସାତ୍ମକ ନାଟକର ରଚନା ଗୋପାଳ ଛୋଟରାୟ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ନିରଞ୍ଜନ ଆଚାର୍ଯ୍ୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର୍ଷଣ ପ୍ରଧାନ, ସଚ୍ଚିଦାନନ୍ଦ ସାମଲ, ସୁବ୍ରତ କୁମାର ଦାଶ, ନିରଞ୍ଜନ ଆଚାର୍ଯ୍ୟ, ବିଶ୍ୱମୋହନ, ଗୋବିନ୍ଦ ଶତପଥୀ, ସୁମନ କୁମାର ସାହୁ ପ୍ରମୁଖଙ୍କ ଅଭିନୟ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଅଭିନେତା ପ୍ରଶାନ୍ତ ନନ୍ଦ, କମାଣ୍ଡର୍ ନନ୍ଦକିଶୋର ସାମଲ, ଭାସ୍କର ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ସ୍ୱର୍ଗତ ଅମିୟ ପଟ୍ଟନାୟକଙ୍କ ସ୍ମୃତିରେ 'ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ-୨୦୨୦'ରେ ସମ୍ମାନିତ କରାଯାଇଥିଲା। ଏହାସହ ୫ ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଡ. ଦ୍ୱାରିକା ନାଥ ନାୟକ, ନବୀନ କୁମାର ପରିଡ଼ା, ଇଂ. ରମେଶ କୁମାର ମହାନ୍ତି, ସସ୍ମିତା ସିଂଙ୍କୁ 'ପଞ୍ଚମବେଦ ସମ୍ମାନ-୨୦୨୦' ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ହରେନ୍ ସାହୁ ଓ ସମ୍ପାଦକ ପ୍ରକାଶ ମହାରଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସକୁ ବାଟ ଛାଡ଼ିବା ପାଇଁ ସଚେତନତା

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ରୋଗୀଙ୍କୁ ନେବାବେଳେ ଆମ୍ବୁଲାନ୍ସ କିଭଳି ଟ୍ରାଫିକ ଭିଡ଼ରେ ଫସିବ ନାହିଁ ସେଥିଲାଗି କମିଶନରେଟ ପୋଲିସ ଭିନ୍ନ ତରିକା ଆପଣାଇଛି। ଏଥିପାଇଁ ଆରମ୍ଭ କରିଛି ସଚେତନତା ଅଭିଯାନ। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ରସୁଲଗଡ଼ ନିକଟ ଏସ୍ପ୍ଲାନେଡ ମଲ୍‌ରେ ହୋଇଛି ଏହି ସଚେତନତା କାର୍ଯ୍ୟକ୍ରମ। ଏଥିରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଟ୍ରାଫିକ ଡିସିପି ସାଗରିକା ନାଥ ଯୋଗଦେଇ ଲୋକଙ୍କୁ ହେଲମେଟ ଗିଫ୍ଟ ଦେଇ ସଚେତନ କରାଇଛନ୍ତି। ଆମ୍ବୁଲାନ୍ସକୁ ବାଟ ଛାଡ଼ିଦେବା ବାର୍ତ୍ତାକୁ ସେଲ୍ଫି ଜରିଆରେ ବହୁଳ ପ୍ରସାର କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଆମ୍ବୁଲାନ୍ସ ଯିବାବେଳେ ଗାଡ଼ି ଚାଳକମାନେ ଡାହାଣ କିମ୍ବା ବାମକୁ ଯାଇ ବାଟ ଦେବେ। ଏଥିପାଇଁ ସଚେତନ ହେବାକୁ ଜନସାଧାରଣଙ୍କୁ ପୋଲିସ କମିଶନର ପରାମର୍ଶ ଦେଇଛନ୍ତି।




# ପରୀକ୍ଷା ସମୟରେ ବିଦ୍ୟୁତ କାଟ ବନ୍ଦ ହେଉ

## ଗ୍ରୀଡ୍‌କୋ ସିଏମ୍‌ଡିଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ଚଳିତ ମାସ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଓ ମାର୍ଚ୍ଚ ୩ରୁ ଯୁକ୍ତ ୨ ପରୀକ୍ଷା ପରେ ଯୁକ୍ତ ୩ ଏବଂ ସିବିଏସ୍‌ଇ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି ସମୟରେ ଗ୍ରାହକଙ୍କ ବିଲ୍ ବାକିକୁ ନେଇ ଗ୍ରୀଡକୋ, ସେସୁ, ୱେସ୍କୋ, ନେସ୍କୋ, ସାଉଥକୋ ପକ୍ଷରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଆଯାଉଛି। ଫଳରେ ପିଲାମାନଙ୍କୁ ପାଠପଢା ଲାଗି ହଇରାଣ ହେବାକୁ ପଡୁଛି। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଜୁଳି ସଂଯୋଗ ବିଚ୍ଛିନ୍ନ ବନ୍ଦ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏ ସଂକ୍ରାନ୍ତରେ ଗ୍ରୀଡ୍‌କୋ ସିଏମ୍‌ଡିଙ୍କୁ ଚିଠି ଲେଖି ଅନୁରୋଧ ଜଣାଇଥିବା ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ, ଶକ୍ତି ମନ୍ତ୍ରୀ ଓ ଶକ୍ତି ସଚିବ ଏହି ପସଙ୍ଗରେ ହସ୍ତକ୍ଷେପ କରିବାକୁ ବେହେରା ନିବେଦନ କରିଛନ୍ତି।

# ସ୍ୱାସ୍ଥ୍ୟ,ପୋଷଣ କ୍ଷେତ୍ରରେ ବଲାଙ୍ଗୀର ଜିଲାର ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର,୧୪।୨(ବ୍ୟୁରୋ)

ସ୍ୱାସ୍ଥ୍ୟ ଏବଂ ପୋଷଣ ରାଜ୍ୟର ଆକାଂକ୍ଷା ଜିଲା ବଲାଙ୍ଗୀର ଉତ୍ତମ ପ୍ରଦର୍ଶନ କରୁଛି। ନୀତି ଆୟୋଗ ପକ୍ଷରୁ ଗତବର୍ଷ ଡିସେମ୍ବର ମାସ ପାଇଁ କରାଯାଇଥିବା ଜିଲାଗୁଡ଼ିକର ଡେଲଟା ତାଲିକାରୁ ଏହା ଜଣାପଡିଛି। ସାରା ଦେଶର ବଲାଙ୍ଗୀର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ତାଲିକାରେ ଉତ୍ତର ପ୍ରଦେଶର ଚନ୍ଦୌଲି ପ୍ରଥମସ୍ଥାନ ହାସଲ କରିଛି। ସେହିପରି ଝାଡଖଣ୍ଡର ୩ ଜିଲାରେ ୩,୪ ଏବଂ ୫ ସ୍ଥାନରେ ରହିଛନ୍ତି। ଏହି ଜିଲାଗୁଡିକ ହେଉଛି- ଶାହିବଗଞ୍ଜ, ଖୁଣ୍ଟି ଏବଂ ଗରୱା। ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ଏକ ଟୁଇଟ୍‌ରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

# ଲୋକସେବା ଭବନରେ ଦିବ୍ୟାଙ୍ଗ ଓ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଯାନ ଲୋକାର୍ପିତ

ଭୁବନେଶ୍ୱର, ୧୪।୨(ବ୍ୟୁରୋ)

ଲୋକସେବା ଭବନକୁ ପ୍ରତିଦିନ କାର୍ଯ୍ୟୋପଲକ୍ଷେ ବିଭିନ୍ନ ସ୍ଥାନରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ସୁଗମ ଯାତାୟାତ ନିମନ୍ତେ ଏକ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁକ୍ରବାର ଲୋକସେବା ଭବନ ଅଭ୍ୟର୍ଥନା ପ୍ରକୋଷ୍ଠ ନିକଟରେ ଯାନର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡ଼ିକରେ ଏପରି ସ୍ୱତନ୍ତ୍ର ଯାନ ରଖାଯିବା ପାଇଁ ଉଦ୍ୟମ କରାଯିବ। ରାଜ୍ୟର ୫୮ ଉପଖଣ୍ଡ ସଦର ମହକୁମାରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଡେ' କେୟାର ସେଣ୍ଟର ପ୍ରତିଷ୍ଠା କରିବାର ଯୋଜନା ହାତକୁ ନିଆଯିବା କଥା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସୂଚନା ଥାଉ କି, ଉକ୍ତ ଯାନରେ ଚାଳକଙ୍କ ବ୍ୟତୀତ ୪ଜଣ ବସି ପାରିବେ। ପରିବେଶ ଅନୁକୂଳ ବ୍ୟାଟେରିଚାଳିତ ଏହି ଯାନର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଅଧିକ। ଫେଡେରାଲ ବ୍ୟାଙ୍କ ଔଦ୍ୟୋଗିକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ହରମିସ୍ ମେମୋରିଆଲ ଫାଉଣ୍ଡେଶନ ଆନୁକୂଲ୍ୟରେ ଏହି ସ୍ୱତନ୍ତ୍ର ଯାନ ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କର ଶର୍ମା, ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ, ଫେଡେରାଲ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ କୈଳାସ ଚନ୍ଦ୍ର ଦାସ ଓ ବ୍ୟାଙ୍କ ଶାଖା ମୁଖ୍ୟ ରାକେଶ କୁମାରଙ୍କ ସମେତ ବିଭାଗୀୟ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ।



# ବେଆଇନ୍ କରତକଳରେ ଚଢ଼ାଉ

କଟକ ଅଫିସ,୧୪।୨

କଟକ ଭିଜିଲାନ୍ସ ଫରେଷ୍ଟ ୟୁନିଟ୍ ତରଫରୁ ଫୁଲନଖରାସ୍ଥିତ ଏକ ବେଆଇନ୍ କରତକାଳ ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ କରତକଳର ମାଲିକ ଅନୁପସ୍ଥିତ ଥିଲେ। ଯାଞ୍ଚବେଳେ ତାହାର ଲାଇସେନ୍ସ ନ ଥିବା ଜଣାପଡ଼ିଥିଲା। କରତକଳକୁ ସିଲ୍ କରାଯିବା ସହ ବିଭିନ୍ନ ଯନ୍ତ୍ରାଂଶ ଏବଂ ୧୨ଲକ୍ଷ ୨୭ହଜାର ୪୮୦ ଟଙ୍କାର କାଠ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।




# ବିହନ ପିଣ୍ଡୁଳାରେ ବୃକ୍ଷ



ପୁରୁଣା ଭୁବନେଶ୍ୱର, ୧୪।୨ (ଡି.ଏନ.ଏ.)

ବିଶ୍ୱ ବ୍ୟାପୀ 'ଭାଲେଣ୍ଟାଇନ୍ ଡେ' କୁ ପ୍ରେମ ଦିବସ ଭାବେ ପାଳନ କରା ଯାଉଥିବା ବେଳେ ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ ହୃଦୟ ଭିତରେ ବିହନ ପିଣ୍ଡୁଳାରେ ବୃକ୍ଷ ତିଆରି କରି 'ଆସ ଆମେ ପ୍ରକୃତିକୁ ପ୍ରେମ କରିବା'ର ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି।

ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଫୁଲ, ଗ୍ରୀଟିଙ୍ଗସ୍ ଆଉ ଉପହାର ଦିଆନିଆ ଭିତରେ ଏହି 'ଭାଲେଣ୍ଟାଇନ୍ ଡେ' ପାଳନ କରାଯାଇଛି। ହେଲେ ପୋଖରୀପୁଟ ଇନ୍ଦ୍ରପସ୍ଥ କଲୋନୀ ଫେଜ୍-୨ ଠାରେ ରହୁଥିବା ଯୁବ ସାମାଜିକ କର୍ମୀ ସୁଶାନ୍ତ ହୃଦୟ ଭିତରେ ବୃକ୍ଷକୁ ବିହନ ପିଣ୍ଡୁଳାରେ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବିହନ ପିଣ୍ଡୁଳା ଉପହାର ଦେଇଛନ୍ତି। ବିହନ ପିଣ୍ଡୁଳା ବା ସିଡ୍ ବଲ୍‌କୁ ନିକ୍ଷେପଣ କରାଯାଇ ପତିତ ଜମିରେ କିଭଳି ବନୀକରଣ ସମ୍ଭବ ଓ ସହଜ ହୋଇପାରିଛି ତାହା ସୁଶାନ୍ତ ଓ ସହଯୋଗୀମାନେ ଏହି ଦିବସରେ ଜନ ସଚେତନତା କରାଇଛନ୍ତି। ପ୍ରେମ ଦିବସରେ ପ୍ରେମୀ ଯୁଗଳମାନେ ସିଡ୍ ବଲ୍ ଜରିଆରେ ପ୍ରକୃତିକୁ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି। ସିଡ୍ ବଲ୍ ସଜାଇବାରେ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ସହଯୋଗ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ ସଂକଳ୍ପ।

-ଇନ୍ଦିରା ଗାନ୍ଧୀ



## ସଂକ୍ଷେପରେ

### ଗୁରୁତର ଯୁବତୀଙ୍କ ମୃତ୍ୟୁ

**ନରସିଂହପୁର,୧୪।୨(ଡି.ଏନ୍.ଏ.):** ନରସିଂହପୁର ବ୍ଲକ ଅଧୀନ କାନପୁର ଥାନା ବାଲିଝରୀ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟିଥିଲା। ଗ୍ୟାସ ଲିକ୍‌ରୁ ଘଟିଥିବା ଏହି ଅଗ୍ନିକାଣ୍ଡରେ ଗ୍ରାମର ସୁରେନ୍ଦ୍ର ମହାରଣାଙ୍କ ଝିଅ ମୋନାଲିସା(୨୦) ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଏମ୍‌ପି ଭର୍ତ୍ତୃହରି ମହତାବ, ସରପଞ୍ଚ ମନମୋହନ ନାୟକ, ସାମାଜିକକର୍ମୀ ଜୟକୃଷ୍ଣ ନାୟକ, ନରେନ୍ଦ୍ର ଦାସ ପ୍ରମୁଖ ପହଞ୍ଚି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

### ନିଶ୍ଚିନ୍ତକୋଇଲି ବ୍ଲକରେ ଖୋଲିଲା ମୋ ସରକାର ପ୍ରକୋଷ୍ଠ

**ନିଶ୍ଚିନ୍ତକୋଇଲି,୧୪।୨(ସ୍ୱ.ପ୍ର.):** ରାଜ୍ୟ ସରକାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ୫-ଟିରେ ସାମିଲ କରିବା ପରେ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ମୋ ସରକାର ପ୍ରକୋଷ୍ଠ ଖୋଲାଯାଇଛି। ଏଠାରେ ମୋ ସରକାର ସମ୍ବଳିତ ବିଭିନ୍ନ ଲିଫ୍‌ଲେଟ ଓ ପୋଷ୍ଟର ଲାଗିଥିବାବେଳେ ଟୋଲ ଫ୍ରି ନମ୍ବର ଉଲ୍ଲେଖ ରହିଛି। ପ୍ରକୋଷ୍ଠ ଦାୟିତ୍ୱରେ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁଙ୍କୁ ନୋଡାଲ ଅଫିସର ଭାବେ ରଖାଯାଇଥିବା ବେଳେ ମୁଖ୍ୟ କିରାଣି ଲକ୍ଷ୍ମୀଧର ଦାସ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଆସିଷ୍ଟାଣ୍ଟ ମୁକେଶ ମହାପାତ୍ରଙ୍କୁ ଅବସ୍ଥାପିତ କରାଯାଇଛି। ସାଧାରଣ ଲୋକେ ଏହି ପ୍ରକୋଷ୍ଠକୁ ଆସି ନିଜ ସୁବିଧା ଅସୁବିଧା ଜଣାଇବା ସହ ମୋବାଇଲ ନମ୍ବର ପଞ୍ଜୀକରଣ କରାଇବାର ବ୍ୟବସ୍ଥା ରହିଛି। ୨୪ ଘଣ୍ଟା ମଧ୍ୟରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏସ୍‌ଏମ୍‌ଏସ୍ ନ ଆସିଲେ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ସୂଚନା ଦେଇଛନ୍ତି। ଏହି ପ୍ରକୋଷ୍ଠ ଖୋଲିବା ଦ୍ୱାରା ସମସ୍ତ ବ୍ଲକବାସୀ ଏହାର ଲାଭ ନେଇପାରିବେ ବୋଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର ପ୍ରକାଶ କରିଛନ୍ତି। ସାଧାରଣଲୋକଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଜନକଲ୍ୟାଣ ଯୋଜନା ବୋଲି ବ୍ଲକ ଅଧକ୍ଷା ସବିତା ଓଝା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସହକାରୀ ଯନ୍ତ୍ରୀ ଓ ମୁଖ୍ୟ କିରାଣିଙ୍କୁ ଏହି ପ୍ରକୋଷ୍ଠରେ ପୂର୍ବାହ୍ନ୧୦ ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବସିବାକୁ ପଡୁଥିବାରୁ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେବା ଆଶା କରାଯାଉଛି।

### ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

**ସାଲେପୁର,୧୪।୨(ଡି.ଏନ୍.ଏ.):** ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବନାଙ୍କ ଉଦ୍ଦେଶ୍ୟରେ ରାଜ୍ୟ ବିଜୁ ଛାତ୍ରଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ତବ୍‌ରେଜ ଖାନ୍‌ଙ୍କ ସଭାପତିତ୍ୱରେ ସାଲେପୁରଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ନିଶ୍ୱାସ ଫାଉଣ୍ଡେଶନ ସଭାପତି ଆଶିଷ ଶର୍ମା, ଉପପ୍ରତିଷ୍ଠାତା କୀର୍ତ୍ତିଭୂଷଣ ପାତ୍ର, ସାଧାରଣ ସମ୍ପାଦକ ଆଶୁତୋଷ ଜେନା, ଅଭିଜିତ୍ ପଣ୍ଡା, କଲ୍ୟାଣ ରଞ୍ଜନ ଦାଶ, ସମ୍ପାଦକ ସାଇସତ୍ୟପ୍ରକାଶ ମିଶ୍ର, ସୁଶୀଲ ବେହେରା, ବ୍ରଜେସ୍ ପଣ୍ଡା, ବିଶ୍ୱରଞ୍ଜନ ବେହୁରିଆ, ଭୋମ୍ୟ ମନ୍ତ୍ରୀ, ଯଶୋବନ୍ତ ମାଝି, ଚନ୍ଦନ କାଣ୍ଡି, ଆଶସ୍ ନାୟକ, ଗିରିଜା ପ୍ରସାଦଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ଯୁବକ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଚାଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶହୀଦ ଦିବସ ପାଳନ କରାଯିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

# ବଳଦେବଜୀଉ ପୀଠକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦାବି

**ନିଶ୍ଚିନ୍ତକୋଇଲି,୧୪।୨(ସ୍ୱ.ପ୍ର.)**



ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାବିପତ୍ର ଦିଆଯାଉଛି।

- **ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**
- **ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ମା'ହରଚଣ୍ଡୀ ପୀଠ, ସିଦ୍ଧଦେବୀ ପୀଠ ଓ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇବା ପରେ ଏବେ ଜିମ୍ପିପୁର ପଞ୍ଚାୟତର ବ୍ରହ୍ମକ୍ଷେତ୍ର ଶ୍ରୀବଳଦେବଜୀଉଙ୍କ ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାକୁ ଦାବି ଜୋରଧରିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୀର୍ଘଦିନ ହେବ ଏନେଇ ଦାବି ହୋଇ ଆସୁଥିବାବେଳେ ଏବେ ବଳଦେବ ଜୀଉ ଟ୍ରଷ୍ଟ ବୋର୍ଡ ଓ ଜିମ୍ପିପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ଗତ ବୁଧବାର ଏକ ସ୍ମାରକପତ୍ର ଦିଆଯାଇଛି। ଶ୍ରୀଜୀଉଙ୍କ ମନ୍ଦିର, ରଥଦାଣ୍ଡି, ପାର୍ଶ୍ୱଦେବଦେବୀଙ୍କ ମନ୍ଦିର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିବାବେଳେ ମନ୍ଦିରର ପାଚେରି ଓ ଚନ୍ଦନ ପୁଷ୍କରିଣୀର ଉନ୍ନତି ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଛି। ଅଞ୍ଚଳର ସର୍ବ ପୁରାତନ ଜଗନ୍ନାଥ ମନ୍ଦିରକୁ ଓଡ଼ିଶାର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସୁଥିବାବେଳେ ମନ୍ଦିରର ନୀତିକାନ୍ତି ପୁରୀ ଜଗନ୍ନାଥ ମନ୍ଦିର ସହିତ ଯୋଡି ହୋଇରହିଛି। ତେଣୁ ଏହି ପୀଠକୁ ତୁରନ୍ତ ପର୍ଯ୍ୟଟନସ୍ଥଳ ମାନ୍ୟତା ଦେବା ସହ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା କରିବା ପାଇଁ ଟ୍ରଷ୍ଟବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ର ନାଥ ବେହେରା ଓ ଜିମ୍ପିପୁର ସରପଞ୍ଚ ତିଲୋତ୍ତମା ରାଉତ ଦାବି ରଖିଛନ୍ତି। ଯଦି ଏହି ପୀଠକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ନ ମିଳେ ସ୍ଥାନୀୟ ସାମାଜିକ ସଙ୍ଗଠନ ଓ ଜଗନ୍ନାଥ ପ୍ରେମୀ ଆଗାମୀ ଦିନରେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଜିମ୍ପିପୁର ଶ୍ରୀବଳଦେବ ଜୀଉ ମନ୍ଦିର ଏକ ଐତିହାସିକ ଓ ପୁରାତନ ମନ୍ଦିର। ପୁରୀ ଜଗନ୍ନାଥ ମନ୍ଦିର ପରି ଏହି ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା କରାଯାଏ। ରଥ ଯାତ୍ରା, ଦୋଳ ଯାତ୍ରା, ଚନ୍ଦନ ଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ। ପ୍ରତି ବର୍ଷ ପୀଠକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ଆସିଥାନ୍ତି। ଏହି ମନ୍ଦିର ୬୦୦ ବର୍ଷର ପୁରୁଣା ହୋଇଥିବା ବେଳେ ପ୍ରାୟ ୮୨ ଏକରୁ ଊର୍ଦ୍ଧ୍ୱ ସ୍ଥାବର ଅବସ୍ଥାବର ସମ୍ପତ୍ତି ରହିଛି। ମନ୍ଦିରର ପୂଜାର୍ଚ୍ଚନା ରକ୍ଷଣାବେକ୍ଷଣ ନିମନ୍ତେ ପୂଜକ, ନାଜି ମହନ୍ତ, ସେବାୟତ ଓ ମ୍ୟାନେଜିଂ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ରାଜ୍ୟସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ବିଭିନ୍ନ ପୁରାତନ ମନ୍ଦିରକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ମିଳୁଥିବାବେଳେ ଏହି ମନ୍ଦିରକୁ ମାନ୍ୟତାରୁ ବଞ୍ଚିତ କରିବା ନେଇ ସନ୍ଦେହ ଉପୁଜିଛି। ଏପରି କି ବାରମ୍ବାର ଦାବି ହୋଇଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଟ୍ରଷ୍ଟବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଚୌଧୁରୀ ଅଜୟ କୁମାର ନନ୍ଦ, ରାଜେନ୍ଦ୍ର ମୋହନ କର, ଯୁବନେତା ଜ୍ଞାନରଞ୍ଜନ ରାଉତ, ପୂର୍ବତନ ସରପଞ୍ଚ ଜ୍ୟୋତିରଞ୍ଜନ ସ୍ୱାଇଁ, ହେମନ୍ତ ପଣ୍ଡା, ଗୁରୁ ଚରଣ ସାମଲ ପ୍ରମୁଖ ମନ୍ତ୍ରୀ ଜେନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ନବ ବିବାହିତାଙ୍କୁ ନିର୍ଯାତନା: ସ୍ୱାମୀ ଗିରଫ

**ନିଶ୍ଚିନ୍ତକୋଇଲି,୧୪।୨(ସ୍ୱ.ପ୍ର.)**

ନେମାଳ ଥାନା ଅଧୀନ ନଗସପୁର ଗ୍ରାମର ଜଣେ ନବ ବିବାହିତାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମହିଳାଙ୍କ ସ୍ୱାମୀ ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଭରତପୁର ଗ୍ରାମର ତସଲିମ ଖାଁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନଗସପୁର ଗ୍ରାମର ସୁହାନା ପରୱିନ ୯ ମାସ ତଳେ ତସଲିମଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସୁହାନାଙ୍କ ପରିବାର ତସଲିମଙ୍କ ପରିବାରକୁ ଦାବି ମୁତାବକ ଯୌତୁକ ଦେଇଥିଲେ। କିନ୍ତୁ ତସଲିମ ଓ ତାଙ୍କ ପରିବାର ପକ୍ଷରୁ ଅଧିକ ଯୌତୁକ ଦାବି କରି ସୁହାନାଙ୍କୁ ନିର୍ଯାତନା ଦେଉଥିଲେ। ଏନେଇ ଗତ ୧୧ ତାରିଖରେ ଥାନାରେ ସୁହାନା ଅଭିଯୋଗ କରିଥିଲେ। ପୋଲିସ ନଂ-୨୦/୨୦ରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ କରିଥିଲା। ଥାନାରେ ଅଭିଯୋଗ ହେବା ଖବର ପାଇ ତସଲିମ ଶ୍ୱଶୁର ଘରକୁ ଆସି ସ୍ତ୍ରୀ ସୁହାନାଙ୍କୁ ଧମକ ଚମକ ଦେବା ସହ କାହିଁକି କେସ କରିଛ ବୋଲି ତାଗିଦ କରିଥିଲେ। ଏନେଇ ଥାନାକୁ ସୂଚନା ମିଳିବା ପରେ ପୋଲିସ ସୁହାନାଙ୍କ ଘରୁ ତସଲିମଙ୍କୁ ଗିରଫ କରିଥିଲା ବୋଲି ଥାନା ସବଇନ୍ସପେକ୍ଟର ଗୋପବନ୍ଧୁ ମଲ୍ଲିକ ପ୍ରକାଶ କରିଛନ୍ତି।

## ପକ୍କାଘର ପ୍ରଦାନରେ ଅନିୟମିତତା



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପଞ୍ଚାୟତବାସୀ।

**ସାଲେପୁର,୧୪।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅଧୀନ ରାମକୃଷ୍ଣପୁର ପଞ୍ଚାୟତରେ ବିଭିନ୍ନ ଯୋଜନାରେ ପକ୍କାଘର ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ ହିତାଧିକାରୀଙ୍କୁ ଘର ପ୍ରଦାନ କରା ନ ଯାଇ ଜଣେ ହିତାଧିକାରୀଙ୍କୁ ଦୁଇ ଥର ଘର ପ୍ରଦାନ କରାଯାଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ବ୍ଲକ ଅନ୍ତର୍ଗତ ଉତ୍ତ୍ରୋଳ ଗ୍ରାମର ବହୁ ହିତାଧିକାରୀ ୨୦୧୪-୧୫ ତାଲିକାରେ ବିଭିନ୍ନ ଯୋଜନାରେ ପକ୍କାଘର ପାଇଥିଲେ। ମାତ୍ର ଗତ ଫନୀ ବାତ୍ୟାର କ୍ଷତିଗ୍ରସ୍ତ ତାଲିକାର ପୁଣି ସେମାନଙ୍କୁ ସାମିଲ କରାଯାଇ ସ୍ୱେଶାଲ୍ କୋଟାରେ ଘର ପ୍ରଦାନ କରାଯାଇଛି। କିନ୍ତୁ ଫନୀ ବାତ୍ୟାର ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ଏହି ତାଲିକାଭୁକ୍ତ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ପଞ୍ଚାୟତରେ ପୁନର୍ବାର ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ଘର ପ୍ରଦାନ କରିବା ପାଇଁ ପଞ୍ଚାୟତର ଅଲେଖ ଚନ୍ଦ୍ର ବେହୁରା, ଭରତ ମହାରଣା, ସୁକାନ୍ତ କୁମାର ରାଉତରାୟ, ପ୍ରଫୁଲ୍ଲ ସ୍ୱାଇଁ, ହେମନ୍ତ କୁମାର ଦାସ, ଜଗଦାନନ୍ଦ ଦାସ, ଅନନ୍ତ ଚରଣ ଦାସ, କମଳାକାନ୍ତ ମଲ୍ଲିକ ପ୍ରମୁଖ ବିଡିଓଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ଏ ସମ୍ପର୍କରେ ବିଡିଓ ଦେବରାଜ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ଦିଗରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏ ଦିଗରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉଛି।

# କୌଟିଲ୍ୟରେ ବନ୍ଧନ-୨୦୨୦ ପାଳିତ



ମା' ବାପାଙ୍କ ଯତ୍ନ ନେବା ପାଇଁ ଛାତ୍ରୀଛାତ୍ର ଶପଥ ନେଉଛନ୍ତି।

**ନରାଜ,୧୪।୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅଧୀନ ନରଣପୁରସ୍ଥିତ କୌଟିଲ୍ୟ ଯୁକ୍ତ ୨ ଇଣ୍ଟିଗ୍ରେଟେଡ୍ କଲେଜରେ ଭାଲେଣ୍ଟାଇନ୍ସ ଦିବସ ଉପଲକ୍ଷେ ଶୁକ୍ରବାରେ ମାତୃପିତୃ ପୂଜନ ଦିବସ ବନ୍ଧନ-୨୦୨୦ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜର ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ମାତାପିତାଙ୍କୁ ପୂଜା କରିଥିଲେ। ଏଥିସହିତ ଭବିଷ୍ୟତରେ ଭଲମଣିଷ ହୋଇ ମା'ବାପାଙ୍କ ଯତ୍ନ ନେବା ପାଇଁ ଶପଥ ନେଇଥିଲେ। କଲେଜ ନିର୍ଦ୍ଦେଶକ ସିର୍ଦ୍ଧାଥ ସାହୁ, ଅଭିଜିତ ଦାସ ଇଂଲିଶ ଓ ଓଡିଆ ଭାଷାରେ ଶପଥପାଠ କରାଇଥିଲେ। ଚେୟାରମ୍ୟାନ ଡ.ଦେବୀତୋଷ ଆଚାର୍ଯ୍ୟ ସ୍ୱାଗତ ଭାଷଣରେ ଭଲପାଇବାର ପରିଭାଷା କେବଳ ମାତାପିତା ହିଁ ହୋଇପାରିବେ ବୋଲି କହିଥିଲେ। ଭାଇସ ଚେୟାରମ୍ୟାନ ପ୍ରତାପ ମିଶ୍ର ଅଭିଭାବକଙ୍କୁ ଉପହାର ପ୍ରଦାନ କରିଥିବାବେଳେ ଅଧକ୍ଷ ରବି ରୟତସିଂ ଧନ୍ୟବାଦ ଦେଇଥିଲେ। ପ୍ରଶାସନିକ ଅଧିକାରୀ ରବି ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ପରିଡା, ବିଶ୍ୱଜିତ ସ୍ୱାଇଁ, ରବୀନ୍ଦ୍ର ବେହେରା, ଅମିତ ଦାସ, ଜୀବନ ନାୟକ, ବିଦ୍ୟୁଲତା ବେହେରା ଓ ସୋନାଲି ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶହୀଦଙ୍କ ସ୍ମୃତିରେ ଶୋଭାଯାତ୍ରା

**ବାଙ୍କୀ,୧୪।୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଙ୍କ ପକ୍ଷରୁ ଶହୀଦଙ୍କ ସ୍ମୃତିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ମହାବିଦ୍ୟାଳୟରୁ ଆରମ୍ଭ ହୋଇ ବାଙ୍କୀ ବଜାର, ମେଡିକାଲରୋଡ ଓ ମେନ୍‌ରୋଡ୍ ପରିକ୍ରମା କରି ଚର୍ଚ୍ଚିକା ମନ୍ଦିରଠାରେ ପହଞ୍ଚିଥିଲା। ଏଥିରେ ଶହୀଦ ସୈନିକଙ୍କ ଦେଶମାତୃକା ପାଇଁ ଅବଦାନଥିବା ନେଇ ଆଲୋଚନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରାଧ୍ୟାପକ ମନୋଜ ମହାପାତ୍ର, ଅଧ୍ୟାପକ ସତ୍ୟଜିତ୍ ଦାସ, ଖବରଦାତା ଗୌତମ ମିଶ୍ର, ଆଶିଷ ମହାପାତ୍ର, ଛାତ୍ର ଅନିଲ ପଣ୍ଡା, ସନ୍ଦୀପ୍ ପରିଡ଼ା, ସୁଦର୍ଶନ ପାଟଶାଣୀ, ବିଶ୍ୱଜିତ୍ ନାୟକ, ତରୁଣକାନ୍ତ ବିଶ୍ୱାଳ, ଅର୍ପିତ ଅବିନାଶ ସ୍ୱାଇଁ, ନୀତିଶ ଭୂୟାଁ, ସୁଧାଂଶୁ ସ୍ୱାଇଁ, ରଶ୍ମିରଞ୍ଜନ ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ବେଲିଆପାଳ ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

**ବଡ଼ମ୍ବା,୧୪।୨(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅଧୀନ ରିଜିଓନାଲ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଗୋପପୁର ବାଗତୋଟା ପଡିଆରେ ଚାଲିଥିବା ରତିକାନ୍ତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ୍ ବଡ଼ମ୍ବା ଦୁର୍ଗାପ୍ରସାଦ କ୍ରିକେଟ୍ ଟିମ୍ ଓ ବେଲିଆପାଳ କ୍ରିକେଟ୍ ଟିମ୍ ମଧ୍ୟରେ ହୋଇଥିଲା। ଦୁର୍ଗାପ୍ରସାଦ ଦଳ ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ବେଲିଆପାଳ ଦଳ ୧୯.୫ ଓଭରରେ ୮ ଉଇକେଟ୍ ହରାଇ ୧୭୦ରନ୍ କରି ଚାମ୍ପିୟନ ହୋଇଥିଲା। ବେଲିଆପାଳ ଦଳର ଖେଳାଳି ଚାଲୁଆ ୧୪ଟି ବଲ୍ ଖେଳି ୩୫ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଟୁର୍ଣ୍ଣାମେଣ୍ଟରେ ୧୫ଟି ଉଇକେଟ୍ ନେଇ ଲିପୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଏମ୍‌ପି ଭର୍ତ୍ତୃହରି ମହତାବ ଓ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ପ୍ୟାରୀମୋହନ ସ୍ୱାଇଁ, ସମ୍ପାଦକ ପ୍ରହଲ୍ଲାଦ ଦାସ ଓ ସାମାଜିକ କର୍ମୀ ରବୀନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଈଶ୍ୱର ପ୍ରସାଦ ସାହୁ ଓ ଅନିଲ ସେଠୀ ପରିଚାଳନା କରିଥିଲେ।

## ଆଦର୍ଶ ଆବାସସ୍ଥଳୀ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଟିଗିରିଆ,୧୪।୨(ଡି.ଏନ୍.ଏ.)**

ଟିଗିରିଆ ବ୍ଲକର ବିଭିନ୍ନ ଜନଜାତି ପଡ଼ାରେ ଫନୀ ସହାୟତା ଅର୍ଥରେ ଆଦର୍ଶ ଆବାସସ୍ଥଳୀ ନିର୍ମାଣ ଲାଗି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏସବୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ଲକର ଶେଷଗାଁ କଲୋନୀ ସାହି, କଦଳିବାଡ଼ି ଶବରସାହି ଓ ଭେଜିଆ ଶବରସାହିରେ ଆବାସସ୍ଥଳୀ ନିର୍ମାଣ କରାଯିବ। ଏଠାରେ ଲୋକେ କିଭଳି ଭାବେ ପୂର୍ଣ୍ଣାଙ୍ଗ ବାସଗୃହ ପାଇବେ ସେନେଇ ବ୍ଲକ ପ୍ରଶାସନ ପକ୍ଷରୁ ନକ୍ସା ପ୍ରସ୍ତୁତ କରାଯାଇଛି। ଏହି ଯୋଜନାରେ ୯୧ଜଣ ପ୍ରଧାନମନ୍ତ୍ରୀ ହିତାଧିକାରୀ ଏବଂ ୫୮ଜଣ ଫନୀ ସହାୟତା ହିତାଧିକାରୀ ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମେର ମନ୍ତ୍ରୀ ସ୍ୱାଇଁଙ୍କ ସହିତ ବ୍ଲକ ଅଧକ୍ଷା ରୂପା ଦଳେଇ, ବିଡିଓ ପରେଶ ନାୟକ, ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସ୍ୱାଇଁ ଯୋଗ ଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବାଙ୍କୀ,୧୪।୨(ସ୍ୱ.ପ୍ର.)**

ବାଙ୍କୀ ରାଣୀ ଶୁକଦେଇ ମହିଳା କଲେଜ ପକ୍ଷରୁ ଶୁକ୍ରବାର ୧୦ ଦିନିଆ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଶ୍ୟାମସୁନ୍ଦର ରାଉତ ସଭାପତିତ୍ୱ କରିଥିଲେ। ଜିଲା ନୋଡାଲ ଆତ୍ମରକ୍ଷା ପ୍ରଶିକ୍ଷଣ ଅଧିକାରୀ ଡ.ସ୍ମରଣିକା ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଜିଲା ସବ୍‌ନୋଡାଲ୍ ଅଧିକାରୀ ଖଗେଶ୍ୱର ମହାପାତ୍ର, ରେଭେନ୍ସା ଜୁନିୟର କଲେଜ ଶିକ୍ଷାବିଭାଗ ସହକାରୀ ପ୍ରଧାପିକା ଡ.ସବିତା ମିଶ୍ର, ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଗୌରାଙ୍ଗ ବେହେରା ପ୍ରମୁଖ ଯୋଗଦେଇ ମହିଳାଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସୁନୀତା ସାମଲ, ବିଚିତ୍ର ନଟିଆ, ପ୍ରିୟଙ୍କା ରାଉତରାୟ, ରେଭେନ୍ସା କଲେଜର ମୁଖ୍ୟ କିରାଣି ରବୀନ୍ଦ୍ର ରଣା ପ୍ରମୁଖ ଛାତ୍ରୀଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।



ବାଙ୍କୀ ମହାବିଦ୍ୟାଳୟ ଛାତ୍ରଙ୍କ ପକ୍ଷରୁ ଶହୀଦଙ୍କ ସ୍ମୃତିରେ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ବାଙ୍କୀ ବଜାର, ମେଡିକାଲରୋଡ ଓ ମେନ୍‌ରୋଡ୍ ପରିକ୍ରମା କରିଥିଲା।



ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ତବ୍‌ରେଜ ଖାନ୍‌ଙ୍କ ସଭାପତିତ୍ୱରେ ସାଲେପୁରଠାରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।



ଟିଗିରିଆ ବ୍ଲକ ଅଧୀନ ନୂଆପାଟଣା ଚୈତନ୍ୟ ସାହୁ ଯୁକ୍ତ ୩ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ପକ୍ଷରୁ ପୁଲୱାମା ଶହୀଦ ଯବାନଙ୍କ ସ୍ମୃତିରେ ଏକ ଶୋକସଭା କଲେଜ ପରିସରରେ ଅଧକ୍ଷ ଜଗବନ୍ଧୁ ଦାସଙ୍କ ଦ୍ୱାରା ଆୟୋଜିତ ହୋଇଛି।

**କୃଷି ବିଭାଗ, ଇଡ୍‌କୋକୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, (ବ୍ୟୁରୋ)- ଓଡ଼ିଶା ସରକାରଙ୍କ କୃଷି ଭବନକୁ ୨୦୨୦ ବର୍ଷ ପାଇଁ ସରଫେସ୍ ଡିଜାଇନ୍ ଆୱାର୍ଡ ମିଳିଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି କୃଷି ବିଭାଗ ଓ ଇଡ୍‌କୋକୁ ଶୁଭେଚ୍ଛା ଜଣାଇଛନ୍ତି। କୃଷି ଭବନ ସୁପ୍ରିମ୍ ଆୱାର୍ଡ ଏବଂ ପବ୍ଲିକ ବିଲ୍ଡିଂ ଏକ୍ସଟେରିୟର ଏବଂ ଇଣ୍ଟେରିୟର ଡିଜାଇନ୍ ଆୱାର୍ଡ ଲାଭ କରିଛି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲା ସଂଖ୍ୟାଲଘୁ ସମ୍ପ୍ରଦାୟ

**ଭୁବନେଶ୍ୱର,୧୪।୨(ବ୍ୟୁରୋ):** ଟମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିଦିନ ତଳେ ରାଜ୍ୟର ବିଭିନ୍ନ ସଂଖ୍ୟାଲଘୁ ଧର୍ମପୀଠଗୁଡିକ ଉନ୍ନୟନ ପାଇଁ ସହାୟତା ରାଶି ଘୋଷଣା କରିଥିଲେ। ଏହି ଘୋଷଣାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ରାଜ୍ୟର କୋଣଅନୁକୋଣରୁ ସଂଖ୍ୟାଲଘୁ ପ୍ରତିନିଧି, ନେତା ଏବଂ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି କ୍ରମରେ ଶୁକ୍ରବାର ବିଜେଡି ସଂଖ୍ୟାଲଘୁ ଫୋରମ୍ ନେତା ମୁନ୍ନା ଖାଁ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଗୁରୁବାର ମଧ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ।

### ବ୍ରାହ୍ମଣ ପରିବାର ଚାରିଟେବୁଲ୍ ଟ୍ରଷ୍ଟର ଶିଶୁ ସଦନ ପରିଦର୍ଶନ

**ଚୌଦ୍ୱାର,୧୪।୨(ଡି.ଏନ୍.ଏ.):** ବ୍ରାହ୍ମଣ ପରିବାର ଚାରିଟେବୁଲ୍ ଟ୍ରଷ୍ଟର ଦ୍ୱିତୀୟ ଜନ୍ମ ବାର୍ଷିକ ଉତ୍ସବ ଚୌଦ୍ୱାରସ୍ଥିତ ଶିଶୁ ସଦନରେ ପାଳିତ ହୋଇଯାଇଛି। ଟ୍ରଷ୍ଟର ସଭାପତି କଳ୍ପତରୁ ଶତପଥୀ ଓ ଅଧକ୍ଷ ସଞ୍ଜୟ ମିଶ୍ରଙ୍କ ପରିଚାଳନାରେ ଟ୍ରଷ୍ଟର ସଦସ୍ୟା ଓ ସଦସ୍ୟମାନେ ଶିଶୁ ସଦନରେ ଅନ୍ତେବାସୀଙ୍କୁ ଶିକ୍ଷା ସାମଗ୍ରୀ ପ୍ରଦାନ କରିଥିଲେ। ଶିଶୁ ସଦନ ପରିସରରେ ଥିବା ସାଇ ମନ୍ଦିରରେ ପିଲାମାନେ ସର୍ବଧର୍ମ ପ୍ରାର୍ଥନା ଓ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସମାଜର ଦୁର୍ବଳ ବର୍ଗଙ୍କ ପାଇଁ ବ୍ରାହ୍ମଣ ପରିବାର ଟ୍ରଷ୍ଟର ଅନନ୍ୟ ସେବା ଏହାକୁ ଏକ ଆଦର୍ଶ ଅନୁଷ୍ଠାନରେ ପରିଣତ କରିଛି ବୋଲି ଶିଶୁ ସଦନର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ କହିଥିଲେ। ଏହା ସହିତ ଟ୍ରଷ୍ଟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

### ମାତୃପିତୃ ପୂଜନ ଦିବସ

**ଚୌଦ୍ୱାର,୧୪।୨(ଡି.ଏନ୍.ଏ.):** ଚୌଦ୍ୱାର ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା କବିତା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ମାତା ଓ ପିତା ଯୋଗଦେଇଥିଲେ। ଅତିଥି ଭାବେ ଯୋଗ ବେଦାନ୍ତ ସେବା ସମିତି ବାଲ ସଂସ୍କାର ବିଭାଗର ସଂଯୋଜିକା ମୀରା ମହାନ୍ତି ଯୋଗଦେଇ ମାତାପିତାଙ୍କ ପିଲାଙ୍କ ପ୍ରତି ଥିବା କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରତାପ ଜେନା, ମାମାଲି ବେହେରା, ସୁନିତା ହରିଚନ୍ଦନ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ହିତବାଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ପରିଚାଳରେ ସହାୟତା କରିଥିଲେ।

# ଅବ୍ୟବସ୍ଥାରେ ଆଗ୍ରାହାଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ

**ଚୌଦ୍ୱାର,୧୪।୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଫନୀ ବାତ୍ୟାଠାରୁ ଅନେକ ଅବ୍ୟବସ୍ଥା ଲାଗି ରହିଛି। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସର୍ବନିମ୍ନ ମୌଳିକ ସମସ୍ୟାଗୁଡ଼ିକୁ ଶିକ୍ଷା ବିଭାଗ ଅଣଦେଖା କରୁଥିବା ସ୍ଥାନୀୟ ଅଭିଭାବକ ଅଭିଯୋଗ କରିଛନ୍ତି। ବିଶେଷକରି ବିଦ୍ୟାଳୟର ଶ୍ରେଣୀ ଗୃହ, ପାନୀୟଜଳ, ପାଚେରି ସମସ୍ୟାକୁ ନେଇ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ୧୯୫୨ମସିହାରେ ଏହି ବ୍ୟିାଦଳୟ ସ୍ଥାପିତ ହୋଇଥିଲା। ଏଠାରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ପ୍ରାୟ ୧୮୦ ଛାତ୍ରୀଛାତ୍ର ଏବେ ଅଧ୍ୟୟନ କରୁଛନ୍ତି। ଗତ ଫନୀ ବାତ୍ୟାରେ ବିଦ୍ୟାଳୟର ଅନେକ ଶ୍ରେଣୀଗୃହ ଭାଙ୍ଗି ଯାଇଥିଲେ ମଧ୍ୟ ସେଗୁଡ଼ିକ ମରାମତି ହୋଇ ନ ଥିବାରୁ କେତେକ କ୍ଲାସ ବିଦ୍ୟାଳୟ ବାରଣ୍ଡାରେ ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ଗୋଟିଏ ଶ୍ରେଣୀଗୃହରେ ୪ର୍ଥ ଓ ୫ମ, ଅନ୍ୟ ଗୋଟିଏ ଶ୍ରେଣୀଗୃହରେ ୨ୟ ଓ ୩ୟ କ୍ଲାସ ଓ ବାରଣ୍ଡାରେ ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି। ଫଳରେ ପାଠପଢାରେ ବ୍ୟାହତ ସୃଷ୍ଟି ହେଉଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଗୋଟିଏ ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ ଆଗପଛ ବସାଇ ଦୁଇଟି କ୍ଲାସ କରିବା ଦ୍ୱାରା ଛାତ୍ରୀଛାତ୍ର କେତେଦୂର ପାଠ ଗ୍ରହଣ କରିବେ ବୋଲି ଅଭିଭାବକମାନେ କହିଛନ୍ତି। ଉକ୍ତ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡିକେନ୍ଦ୍ର ମଧ ରହିଛି। ବିଦ୍ୟାଳୟର ପାଚେରି ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତି ବିଦ୍ୟାଳୟ ପରିସରରେ ଆଡ୍ଡା ଜମାଉଛନ୍ତି। ଏପରିକି ବିବାହ ସମୟରେ ଆସୁଥିବା ବରଯାତ୍ରୀ ବିଦ୍ୟାଳୟ ବାରଣ୍ଡାରେ ମଦ୍ୟପାନ କରିବା ସହ ପାଉଚ ପାଣି ଜରି ପକାଉଥିବା ଦେଖିବାକୁ ମିଳୁଛି। ଫଳରେ ବିଦ୍ୟାଳୟ ପରିସରରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି ଅଙ୍ଗନୱାଡି କର୍ମୀ କବିତା ନାୟକ କହିଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ୩ଟି ନଳକୂପ ବସାଯାଇଛି। ସେଥିରୁ ଗୋଟିଏ ନଳକୂପରୁ ପାଣି ବ୍ୟବାହାର ଯୋଗ୍ୟ ହୋଇଥିବା ବେଳେ ଅନ୍ୟ ଦୁଇଟିର ପାଣି ବ୍ୟବହାର



ପିଲାମାନେ ବାରଣ୍ଡାରେ ପାଠ ପଢୁଛନ୍ତି।

■ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

■ଗୋଟିଏ ଗୃହରେ ପଢୁଛନ୍ତି ଦୁଇ ଶ୍ରେଣୀର ପିଲା

ପାଇଁ ଅନୁପଯୁକ୍ତ ବୋଲି ଜଣାପଡିଛି। ଏହି ସ୍କୁଲରେ ଶୌଚ ହେବାପାଇଁ ପିଲାଙ୍କୁ ନଳକୂପରୁ ବାଲଟିରେ ପାଣିବୋହି ନେଇଯିବାକୁ ପଡିଥାଏ। ଫଳରେ ଶୌଚାଳୟଟି ଅବ୍ୟବହୃତ ଅବସ୍ଥାରେ ପଡିରହିଛି। ମୁଖ୍ୟତଃ ଶ୍ରେଣୀଗୃହର ଅଭାବ ଥିବାରୁ ପାଠପଢ଼ାରେ ବ୍ୟାହତ ଯୋଗୁ ଉକ୍ତ ବର୍ଷ ଶିକ୍ଷାବିଭାଗ ପକ୍ଷରୁ ମିଳିଥିବା ଗାରିମା ସମ୍ମାନ ଆମ ସ୍କୁଲ ହରାଇଛି ବୋଲି ପ୍ରଧାନଶିକ୍ଷୟତ୍ରୀ ସଞ୍ଜୁକ୍ତା ସାମନ୍ତରାୟ କହିଛନ୍ତି। ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କାର ଅନୁଦାନ ଆସି କାମ ଆରମ୍ଭ ହୋଇଛି। ହେଲେ କଚ୍ଛପ ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଏଦିଗରେ ଦୃଷ୍ଟିଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ପ୍ରଧାନଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



କଟକ ନୂଆପାଟଣାସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ମାତୃପିତୃପୂଜନ ଦିବସ ପାଳନ କରାଯାଉଛି।




ବିଭିନ୍ନ ଦାବି ନେଇ ଶୁକ୍ରବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ କଟକ ଜିଲା ଶାଖା ପକ୍ଷରୁ ବିକ୍ଷୋଭ କରାଯାଉଛି।

## କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**କଟକ ଅଫିସ,୧୪।୨**

ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ଏବଂ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଦେବାଶିଷ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ବାୟୁସେନାର କମାଣ୍ଡିଂ ଅଫିସର ଆର.ଏସ୍. ରାଓତ ଯୋଗଦେଇ ଭାରତୀୟ ପ୍ରତିରକ୍ଷା ବାହିନୀରେ ଥିବା ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ସୁଯୋଗ ବିଷୟରେ ଆଲୋକପାତ କରିଥଲେ। ସ୍ଥଳସେନାର ସଞ୍ଜୟ ସାଲୁଙ୍କି ଯୋଗଦେଇ ସ୍ଥଳସେନାରେ ନିଯୁକ୍ତି ପାଇଁ ଆବଶ୍ୟକ ଶିକ୍ଷାଗତ ଓ ଶାରୀରିକ ଯୋଗ୍ୟତା ସମ୍ପର୍କରେ କହିଥିଲେ। ଜିଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ରାଓ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୂଚନା ପୁସ୍ତିକା ବିତରଣ କରିଥିଲେ। ଡ. ନମିତା ମହାନ୍ତି, ଡ. ସତ୍ୟପ୍ରିୟ ମହାନ୍ତି, ଅଦ୍ୱୈତ ସ୍ୱାଇଁ, ଡ ଧରଣୀଧର ପଣ୍ଡା, ଦେବାଶିଷ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

### ନାରାୟଣ ଚନ୍ଦ୍ର ମଲ୍ଲିକ ଭାଜପା ଜିଲାପରିଷଦ ପ୍ରାର୍ଥୀ

**କଟକ ସଦର,୧୪।୨(ଡି.ଏନ୍.ଏ.)**

କଟକ ଜିଲାପରିଷଦର ୭ନଂ. ଜୋନ ଉପନିର୍ବାଚନ ପାଇଁ ଶୁକ୍ରବାର ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସୋମପୁର ଠାରେ ଆୟୋଜିତ ଦଳୀୟ କର୍ମୀଙ୍କ ସମାବେଶରେ ରାଜ୍ୟ ସମ୍ପାଦକ ଦିଲ୍ଲୀପ ମଲ୍ଲିକ ଦଳୀୟ ପ୍ରାର୍ଥୀ ଭାବେ ନାରାୟଣ ଚନ୍ଦ୍ର ମଲ୍ଲିକଙ୍କ ନାମ ଘୋଷଣା କରିଥିଲେ। ଏହା ସହିତ ଦଳୀୟ କର୍ମୀଙ୍କ ସହଯୋଗ କାମନା କରିଥିଲେ। ଉକ୍ତ କର୍ମୀ ସମାବେଶରେ ଶାରଦା ପ୍ରଧାନ, ସତ୍ୟ ଜେନା, ବିରଞ୍ଚି କୁମାର ପଣ୍ଡା, କେଳୁ ମାହାଳି, ସାଧୁ ଜେନା, ବିଶ୍ୱନାଥ ବଡ଼ିଆ, ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କିଶୋରନଗର ମଣ୍ଡଳ ସଭାପତି ଦେବେନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଧୁସୂଦନ ଆଇଟିଆଇ ସ୍ଥାନାନ୍ତର ପ୍ରସଙ୍ଗକୁ ଛାତ୍ର କଂଗ୍ରେସର ନିନ୍ଦା

**କଟକ ଅଫିସ,୧୪।୨**

ସହରରୁ ମଧୁସୂଦନ ଆଇଟିଆଇ ସ୍ଥାନାନ୍ତର ପ୍ରସଙ୍ଗକୁ ନେଇ କଟକ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ରାଜ୍ୟ ସରକାର ଛାତ୍ରୀଛାତ୍ରମାନଙ୍କ ପ୍ରତି ଅବହେଳାର ଏହା ଏକ ନିଚ୍ଛକ ଉଦାହରଣ। ୧୯୭୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ତାଲିମ କେନ୍ଦ୍ରକୁ ରାଜ୍ୟ ସରକାର ସ୍ଥାନାନ୍ତର କରି କଟକକୁ ଶ୍ରୀହୀନ କରିବାକୁ ଷଡଯନ୍ତ୍ର କରୁଥିବା ଛାତ୍ର କଂଗ୍ରେସର ପୂର୍ବତନ ସମ୍ପାଦକ ଡ. ବିପ୍ଳବ ଶିଳାଦିତ୍ୟ କହିଛନ୍ତି। ଏହି ସ୍ଥାନାନ୍ତର ପ୍ରକ୍ରିୟାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ରାଜରାସ୍ତା ଅବରୋଧ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ କହିଛନ୍ତି।

## 'ଯବାନମାନେ ଦେଶର ଗର୍ବ ଓ ଗୌରବ'

**କଟକ ଅଫିସ, ୧୪।୨**

ପୁଲୱାମାଠାରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ସିଡିଏ ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଯୋଗଦେଇ କହିଥିଲେ, ଯବାନମାନେ ହେଉଛନ୍ତି ଦେଶର ଗର୍ବ ଓ ଗୌରବ। ଦେଶବାସୀଙ୍କ ପାଇଁ ନିଜର ବଳିଦାନ ଦେଇଥାନ୍ତି। ୨୦୧୯ ଫେବୃୟାରୀ ୧୪ ତାରିଖ ଦେଶର ଇତିହାସରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିବ। ଦେଶର ଯୁବପିଢି ଭାରତୀୟ ସେନାରେ ଯୋଗଦେବା ପାଇଁ ସେ କହିଥିଲେ। ସେହିପରି ଅଭିନେତା ଶ୍ରୀତମ ଦାସ କହିଥିଲେ, ପୁଲୱାମା ଆକ୍ରମଣ ଭାରତୀୟ ସେନାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଏକ ହୀନ ଚକ୍ରାନ୍ତ ଥିଲା। ମାତ୍ର ତାହା କେବେ ସଫଳ ହୋଇନାହିଁ। ବରଂ ଭାରତୀୟ ସୈନ୍ୟବାହିନୀର ମନୋବଳକୁ ଆହୁରି ସୁଦୃଢ କରିଛି। ଏହି ଅବସରରେ ଆଶ୍ରୟର ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର, ସ୍ୱାମୀ ମହନ୍ତ ଯଶୋବନ୍ତ ମହାରାଜ ଗୌରକୃଷ୍ଣ ଦାସ, ଆଶ୍ରୟର ଅଧକ୍ଷ ସୁଜାତା ପଟ୍ଟନାୟକ, ଛାତ୍ର ବିଜେଡିର ରାଜ୍ୟ ମହାସଚିବ ହରିଶଙ୍କର ରାଉତ, ଅରବିନ୍ଦ ଜେନାଙ୍କ ସମେତ ଏ ଦିୟା ଫାଉଣ୍ଡେଶନର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

### ଶହୀଦ ଦିବସରେ ରକ୍ତଦାନ ଶିବିର

**କଣ୍ଟାପଡ଼ା,୧୪।୨(ଡି.ଏନ୍.ଏ.)**

ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଆମ ଅଧିକାର ପରିବାର ପକ୍ଷରୁ ଶୁକ୍ରବାରର ସାଇଲୋ ବଡ଼ବିଲ୍ଲିସ୍ଥିତ ରାଜବିଦ୍ୟା କେନ୍ଦ୍ରଠାରେ ପିଣ୍ଡଦାନ କରାଯାଇଥିଲା। ଏଥିସହ ୩୧ଜଣ ରକ୍ତଦାନ କରିଥିଲେ। ରାଜବିଦ୍ୟା କେନ୍ଦ୍ର ପରିସରରେ ପଣ୍ଡିତ ଚିତ୍ତୁନା ଆଚାର୍ଯ୍ୟ ଶହୀଦଙ୍କ ପିଣ୍ଡଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯାତ୍ରା ଖଳନାୟକ ଦୈତାରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଯାତ୍ରା ପରିବେଷଣ କରୁଥିବା ୨ ଯାତ୍ରାପାର୍ଟିରେ କେତେଜଣ ସଦସ୍ୟ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆମଅଧିକାର ସଦସ୍ୟ ପ୍ରମୋଦ ମଲ୍ଲିକ, କୁନା ରାଉତରା, ଅଶୋକ ରାୟ, ଯଜ୍ଞେଶ୍ୱର ମଲ୍ଲିକ, ଘନଶ୍ୟାମ ସାହୁ, ସୁକାନ୍ତ ବେହେରା, ସଂଗ୍ରାମ ମଲ୍ଲିକ, ଜୟ ନାରାୟଣ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

## ଜବରଦଖଲ ଉଚ୍ଛେଦ



ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

**କଟକ ଅଫିସ,୧୪।୨**

ଏସ୍‌ସିବି ମେଡିକାଲ ସଂପ୍ରସାରଣ ପାଇଁ ଆଖାପାଖ ଅଞ୍ଚଳରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ତାଳଦଣ୍ଡା କେନାଲ୍‌ର ରାଣୀହାଟ ପୋଲ ପାଖରୁ ଯୋବ୍ରା ପର୍ଯ୍ୟନ୍ତ ୪୦ଟି କ୍ୟାବିନ୍, ଘର ସହ କ୍ଲବ ଓ ୪ଟି ମନ୍ଦିର ଭଙ୍ଗାଯାଇଥିଲା। ଉଚ୍ଛେଦବେଳେ କୌଣସି ବିରୋଧ ହୋଇନାହିଁ। ତେବେ ଯେଉଁମାନଙ୍କୁ ଉଚ୍ଛେଦ କରାଯାଇଛି, ପରବର୍ତ୍ତୀ ସମୟରେ ସେମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସୂଚନା ମିଳିଛି। ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତଙ୍କ ସମେତ ପୋଲିସ ଅଧିକାରୀମାନେ ଉଚ୍ଛେଦବେଳେ ଉପସ୍ଥିତ ଥିଲେ। ସେହିଭଳି କେନ୍ଦ୍ରାଞ୍ଚଳ ଆରଡିସି ଅନିଲ କୁମାର ସାମଲ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସ ଉଚ୍ଛେଦ ଅଞ୍ଚଳ ପରିଦର୍ଶନ କରିଥିଲେ।

## ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ଚୌଦ୍ୱାର୧୪।୨(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚୌଦ୍ୱାର ପୌରପାଳିକାର ଯୋଗ୍ୟ ହିତାଧିକାରୀଙ୍କୁ ଶୁକ୍ରବାର କାର୍ଯ୍ୟାଦେଶ ବଣ୍ଟନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୌର ଟାଉନ୍ ହଲରେ ଆୟୋଜିତ ଏହି ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ୨୪୬ଜଣ ହିତାଧିକାରୀଙ୍କୁ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା, ମହେଶ ପ୍ରସାଦ ମିଶ୍ର, ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ପୂର୍ବତନ କାଉନସିଲର କରୁଣାକର ସାହୁ, ବିଷ୍ଣୁ ଚରଣ ପରିଡ଼ା, ପୌର ଜେଇ ଚମ୍ପକ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବାସନ୍ତୀ ସାହୁଙ୍କ ସମେତ ପୌର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚୌଦ୍ୱାରରେ ଶହୀଦ ଦିବସ ପାଳିତ

**ଚୌଦ୍ୱାର୧୪।୨(ଡି.ଏନ୍.ଏ.)**

ଜମ୍ମୁ-କଶ୍ମୀର ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିରେ ଶୁକ୍ରବାର ଓଟିଏମ୍ ବଜାରସ୍ଥିତ ଦୁର୍ଗା ବଜାର ୟୁଥ କ୍ଲବ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। କ୍ଲବର ବହୁ ସଦସ୍ୟ, ଛାତ୍ରୀଛାତ୍ର ଓ ସାଧାରଣ ନାଗରିକ ସନ୍ଧ୍ୟାରେ ମହମବତି ଧରି ଓଟିଏମ୍ ଦୁର୍ଗା ମଣ୍ଡପ ନିକଟରୁ ଶୋଭାଯାତ୍ରାରେ ବାହାରି ଚୌଦ୍ୱାର ସହର ପରିକ୍ରମା କରିଥିଲେ। ଏହା ପରେ ଦୁର୍ଗା ମଣ୍ଡପରେ ମହମବତି ସ୍ଥାପନ ପୂର୍ବକ ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## 'ସମାଜରୁ ହ୍ରାସ ପାଉଛି ମାନବିକ ମୂଲ୍ୟବୋଧ'

**କଟକ ଅଫିସ, ୧୪।୨**

ସମାଜରେ ମାନବିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗିଛି। ସମାଜର ଉନ୍ନତି ହୋଇଥିଲେ ମଧ ମନୁଷ୍ୟର ଉନ୍ନତି ହୋଇପାରିନାହିଁ। ମନୁଷ୍ୟର ଉନ୍ନତି ହେଲେ ସମାଜ ସୁରକ୍ଷିତ ରହିପାରିବ ବୋଲି କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶୁକ୍ରବାର ଦୀନବନ୍ଧୁ ସାହୁଙ୍କ ଉପନ୍ୟାସ 'ମହାମିଳନ'ର ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ବିଜୟାନନ୍ଦ ସିଂ କହିଥିଲେ। ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବକୁ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ମହେଶ୍ୱର ମହାନ୍ତି କହିଥିଲେ, ମହାମିଳନ ଉପନ୍ୟାସ ସମାଜ ଓ ଜୀବନର ରୂପରେଖ ଉପରେ ବର୍ଣ୍ଣିତ ହୋଇଛି। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଉତ୍ସବରେ ପୌରୋହିତ୍ୟ କରି କହିଥିଲେ, ସାମାଜିକ ମୂଲ୍ୟବୋଧଭିତ୍ତିକ ସାହିତ୍ୟ ସମାଜକୁ ଉପଯୁକ୍ତ ମାର୍ଗ ଦେଖାଇଥାଏ। କାଞ୍ଚିନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଓ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ଉପନ୍ୟାସ 'ମହାମିଳନ'କୁ ଲୋକାର୍ପଣ କରୁଛନ୍ତି।

# ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ,୧୪।୨**

ପ୍ରେମ ଦିବସ ପାଳନ ପରିବର୍ତ୍ତେ ଦେଶବାସୀ ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଶୁକ୍ରବାର କଟକ ସହରରେ ବିଭିନ୍ନ ସଙ୍ଗଠନ, ଶିକ୍ଷାନୁଷ୍ଠାନରେ ମହମବତୀ ଶୋଭାଯାତ୍ରା କରାଯାଇ ସହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ବିଶ୍ୱବିଦ୍ୟାଳୟ ୱେଷ୍ଟ ହଷ୍ଟେଲର ଅନ୍ତେବାସୀ ପୁଲୱାମାଠାରେ ସହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, ବରିଷ୍ଠ ଅଧିକାରୀ ପଦନ କୁମାର ଜେନାଙ୍କ ସମେତ ହଷ୍ଟେଲର ବହୁ ଅନ୍ତେବାସୀ ଓ ଛାତ୍ରୀଛାତ୍ର ଯୋଗଦେଇ ସ୍ମୃତିଚାରଣ କରିଥିଲେ।

ଦେଉଳସାହିସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପୁଲୱାମାଠାରେ ସହିଦ ହୋଇଥିବା ଯବାନଙ୍କ ଉଦ୍ଦ୍ୟେରେ ସମୂହ ଦୀପଦାନ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଏଥିରେ ପରମିତ କୁମାର ଦାସ, ସମ୍ବିତ ପ୍ରତିହାରୀ, ଅନୀଲ କୁମାର ସାହୁ, ସିଦ୍ଧାର୍ଥ ସ୍ୱାଇଁ, ନୀହାର ରଞ୍ଜନ ରଥ ପ୍ରମୁଖ ଯୋଗଦେଇଥିଲେ।




ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ସହିଦ ଯବାନଙ୍କ ଉଦ୍ଦେଶ୍ୟରେ କଟକ ବାରବାଟୀ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟଫାଟକ ସମ୍ମୁଖରୁ କଟକଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯତ୍ରା କରାଯାଇ ସମୂହ ଦୀପଦାନ କରାଯାଇଥିଲା। ଏଥିରେ ସଙ୍ଗଠନ ସଭାପତି ସଞ୍ଜୟ ପଟ୍ଟନାୟକ, ଜିଲା କାର୍ଯ୍ୟକାରୀ ସଭାପତି ଆଶିଫ ଅମିନ, ସାଧାରଣ ସମ୍ପାଦକ ପରମିତ କୁମାର ଦାସ, ପ୍ରସନଜିତ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ସ୍ମୃତିଚାରଣ କରିଥିଲେ।

**ପ୍ରେମ ଦିବସର ପୁଲୱାମା ଶୋକ**

ଅଲିଶାବଜାର ସ୍ଥିତ ମା' ମଙ୍ଗଳା କ୍ଲବ ଆନୁକୁଲ୍ୟରେ ପୁଲୱାମାରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମିଲନ ସିଂଙ୍କ ଅଧକ୍ଷତାରେ ମହମବତୀ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବର ସଦସ୍ୟ ଶକ୍ତି ନାରାୟଣ ବେହେରା, ନିରଞ୍ଜନ ସାହୁ , ପ୍ରଶାନ୍ତ ପାତ୍ର, ବିଶ୍ୱଜିତ ଦାସ, ସୁଶାନ୍ତ ପାତ୍ର ଓ ଦୀପକ ସିଂ ଯୋଗଦେଇଥିଲେ।

ବନ୍ଧବାଶେଳୀ କ୍ଲବ ଓ ଚାନ୍ଦିନୀଚୌକ ପଡାବାସୀଙ୍କ ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଚାନ୍ଦିନୀଚୌକ ଛକଠାରୁ ଜୁଡିସିଆଲ ଏକାଡେମି ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଫେବୃୟାରୀ, ୨୦୨୦



## ନାବାଳିକା ବିବାହ ବନ୍ଦ କଲା ପ୍ରଶାସନ

ଜଟଣୀ,(ଡି.ଏନ୍.ଏ.): ଚିଲିକା ବ୍ଲକ ଚଣ୍ଡେଶ୍ୱର ମନ୍ଦିରରେ ୧୪ ବର୍ଷୀୟା ନାବାଳିକାଙ୍କ ବିବାହକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ବନ୍ଦ କରାଯାଇଛି। ଚଣ୍ଡେଶ୍ୱର ମନ୍ଦିରରେ ଜନୈକା ନାବାଳିକାଙ୍କର ବିବାହ ହେବାର ଥିଲା। ସ୍ଥାନୀୟ ରଘୁନାଥପୁରର ଜଣେ ୨୮ ବର୍ଷର ଯୁବକ ବିବାହ କରିଥାନ୍ତେ। ଖବରପାଇ ଚିଲିକା ସିଡିପିଓ ଓ ଖୋର୍ଦ୍ଧା ପୋଲିସ ପହଞ୍ଚି ନାବାଳିକାଙ୍କ ପରିବାରକୁ ବୁଝାଶୁଝା କରିଥିଲେ। ଖବରପାଇ ବର ନ ଆସି ଫେରାର ହୋଇଯାଇଥିଲେ। ବାଲ୍ୟ ବିବାହ ନ କରିବାକୁ ମା'ବାପାଙ୍କଠାରୁ ଲିଖିତ ଆକାରରେ ନିଆଯାଇଥିବା ଜଣାପଡିଛି ।

## ସଂକ୍ଷେପରେ

### ହଡ଼ାନଦୀ ଖାଲରେ ବୁଡି ବୃଦ୍ଧ ମୃତ

**ବୋଲଗଡ,୧୪।୨(ଡି.ଏନ.ଏ.):** ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳର ବିଲଖଉରୁଣୀର ଜଣେ ବୃଦ୍ଧଙ୍କର ଗ୍ରାମ ନିକଟ ଦେଇ ଯାଇଥିବା ହଡାନଦୀରେ ଥିବା ଏକ ଖାଲରେ ରହିଥିବା ପାଣିରେ ବୁଡି ଶୁକ୍ରବାର ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଉଛନ୍ତି ମଧୁ ଭୂୟାଁ (୬୫)। ଖବରପାଇ ବୋଲଗଡ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନା ଆଇଆଇସି ସେଖ ଅକବର ଅଲ୍ଲୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ନଦୀ ପାଣିରେ ଶୌଚ ହେବାକୁ ବୃଦ୍ଧ ଜଣକ ଅପରାହ୍ନରେ ଯାଇଥିଲେ। ସେଦିନ ଖାଲଟି ଗହିରିଆ ରହିଛି। ସେଠାରେ କୌଣସି କାରଣରୁ ଗୋଡ ଖସି ଯାଇ ସେ ପାଣିରେ ବୁଡି ଯାଇଥିବା ଅନୁସନ୍ଧାନରୁ ଜଣାପଡିଛି। ଅନ୍ୟପକ୍ଷରେ ମଧୁ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଓ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ। ସେ ଖାଲରେ ବୁଡି ଯାଇଥିବା ସନ୍ଦେହ କରି ଖୋଜା ଯାଇଥିଲା। ଖବର ପାଇ ବୋଲଗଡ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ପାଣିରେ ଖୋଜାଖୋଜି ପରେ ମଧୁଙ୍କ ମୃତଦେହ ଉଦ୍ଧାର କରିଥିଲା।

### ନାବାଳକ ନିଖୋଜ : ଥାନାରେ ଅଭିଯୋଗ

**ବେଗୁନିଆ, ୧୪। ୨ (ଡି.ଏନ.ଏ.):** ବାଣପୁର ଥାନା ନିକଟସ୍ଥ ବାଲିଡିହ ଗ୍ରାମର ମକଦମ ଦାସଙ୍କ ୧୪ବର୍ଷର ନାବାଳକ ପୁଅ ପବିତ୍ର ବୁଧବାର ଅପରାହ୍ନରେ ଟ୍ୟୁଶନ ପାଇଁ ସାଇକେଲ ଯୋଗେ ବାଣପୁର ଆସିଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତାଙ୍କ ସାଙ୍ଗରେ ଯାଇଥିବା ସମସ୍ତ ପିଲା ଘରକୁ ଫେରିଥିଲେ ହେଁ ସେ ଆସି ନ ଥିଲେ। ତାଙ୍କର କୌଣସି ସନ୍ଧାନ ନ ପାଇ ଶେଷରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୫୨/୨୦ରେ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

### ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ବେଗୁନିଆ, ୧୪। ୨ (ଡି.ଏନ.ଏ.):** ବାଣପୁର ଥାନା ଭେଟେଶ୍ୱର ରୋଡ ମାଟିଆପୋଖରୀ ବ୍ରିଜ୍ ନିକଟରେ ଶୁକ୍ରବାର ମଧାହ୍ନରେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବାସୁଦେବ ପ୍ରଧାନ(୪୮)ଙ୍କ ପଛପଟୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡି ଅଚେତ ହୋଇପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆହତ ବାସୁଦେବଙ୍କ ଘର ଏହି ଥାନା ଅଧୀନ ବାଁଲୋଇ ଗ୍ରାମରେ। ବାସୁଦେବ ବାଣପୁରରୁ ମଧାହ୍ନରେ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ମାନସିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଯାଁଳା, ୧୪।୨(ଡି.ଏନ.ଏ.):** ଜଟଣୀ ବ୍ଲକ ଯାଁଳା ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ରୋଗୀଙ୍କ ପାଇଁ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା, ଜଟଣୀ ଓ ଯାଁଳାର ଡାକ୍ତରମାନେ ଉପସ୍ଥିତ ରହି ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମାନସିକ ରୋଗୀ ବିଶେଷଜ୍ଞ ଡା. ଆଲୋକ ରଞ୍ଜନ ସାହୁ ଓ ସାତଜଣିଆ ଟିମ୍ ୫୮ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଯାଁଳାସ୍ଥିତ ମିଶନ ଆଶ୍ରାର ୨୦ ଜଣ ମାନସିକ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସମସ୍ତଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଖୋର୍ଦ୍ଧା ସିଡିଏମ୍ଓ ଭବାନୀ ଶଙ୍କର ପତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ମେଡ଼ିକାଲର ବିପିଓ କଲ୍ୟାଣି ସାହୁ, ସୁପରଭାଇଜର ଲକ୍ଷ୍ମୀକାନ୍ତ ଦାସ, ଯାଁଳା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୌମ୍ୟ ସାର୍ଥକ ମହାନ୍ତି, ଏଏନ୍ଏମ, ଆଶା କର୍ମୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

### ୧୦୮ ହନୁମାନ ଚାଳିଶା ମହାଯଜ୍ଞ

**ବେଗୁନିଆ, ୧୪। ୨ (ଡି.ଏନ.ଏ.):** ବାଣପୁର ଗାଲୁଆ ପଞ୍ଚାୟତ ସାନହନ୍ତୁଆଡରେ ଶ୍ରୀରଘୁନାଥ ଦେବଙ୍କ ମନ୍ଦିର ପରିସରରେ ଶ୍ରୀରାମ ହନୁମନ୍ତ କଥାମୃତ ଓ ୧୦୮ ହନୁମାନ ଚାଳିଶା ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ସୁନ୍ଦରାକାଣ୍ଡ ପଠନ ସହ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା।

# ଅଙ୍ଗନୱାଡି କେନ୍ଦ୍ରକୁ ମିଳୁନି ଗୁଣ୍ଠେ

## ଜବରଦଖଲରେ ରହିଛି ଏକର ଏକର ସରକାରୀ ଜମି



ଜଟଣୀ ଅରିଶୋଳ ଅଙ୍ଗନୱାଡି ପିଲାମାନେ ହରେକୃଷ୍ଣପୁର କେନ୍ଦ୍ରରେ ବସି ପଢୁଛନ୍ତି।

**ଜଟଣୀ, ୧୪।୨(ଡି.ଏନ.ଏ.):** ଜଟଣୀ ଅଞ୍ଚଳରେ ଏକର ଏକର ସରକାରୀ ଜମି ମାଫିଆ ଓ ପ୍ରଭାବଶାଳୀ ଲୋକ ଜବରଦଖଲ କରି ରଖିଛନ୍ତି। ହେଲେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଗୁଣ୍ଠେ ଜମି ମିଳୁନି। ଫଳରେ କୋମଳମତି ଛୋଟପିଲା ବାରଦୁଆର ତେରପିଣ୍ଡା ହେଉଛନ୍ତି। କେଉଁଠି ଗଛ ମୂଳେ ତ ଆଉ କାହା ବାରଣ୍ଡାରେ ଏପରି ବିଭିନ୍ନ ସ୍ଥାନରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର। ଜଟଣୀ ବ୍ଲକ ଛତାବର ପଞ୍ଚାୟତର ଅରିଶଲ ଗ୍ରାମରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଅରିଶଲ ମୌଜାରେ ଥିବା ଅନେକ ସରକାରୀ ଜମି ଜବରଦଖଲ ହୋଇରହିଛି। ଅଥଚ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପାଇଁ ୭ ବର୍ଷ ହେବ ଜମି ମିଳୁନି। ଫଳରେ ଗ୍ରାମର ଛୋଟ ପିଲା ନିକଟବର୍ତ୍ତୀ ହରେକୃଷ୍ଣପୁର ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରକୁ ପଢିବା ପାଇଁ ଯିବାକୁ ପଡୁଛି। ସେଠାରେ ଗୋଟିଏ ଛାତ ତଳେ ଦୁଇଟି କେନ୍ଦ୍ରର ପିଲା ପାଠ ପଢୁଛନ୍ତି।

### ଏମାନେ ଯାହା କୁହନ୍ତି...

"ଅରିଶଲ ମୌଜାରେ ଅନେକ ସରକାରୀ ଜମି ଜବରଦଖଲ ଅବସ୍ଥାରେ ରହିଛି। ଗ୍ରାମର ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ଏହି ଜବରଦଖଲ କରିଛନ୍ତି। ଅଥଚ ଗ୍ରାମବାସୀଙ୍କ ପାଇଁ ଖେଳପଡିଆ, କମ୍ୟୁନିଟି ହଲ୍, ଶ୍ମଶାନ ଓ ଅଙ୍ଗନୱାଡି କେନ୍ଦ୍ର ପାଇଁ ଜମି ମିଳୁନି। ଏ ନେଇ ଜଟଣୀ ତହସିଲାଦାରଙ୍କୁ ଲିଖିତ ଭାବେ ବହୁବାର ଜଣାଇଲେ ମଧ କୌଣସି ପ୍ରତିକାର ହେଉନାହିଁ।

–ସୁଦର୍ଶନ ଜେନା, ଅରିଶଲ

"ଏହି ମୌଜାରେ ଇଡ୍‌କୋ ମାଧମରେ ଇମଫୋଭ୍ୟାଲି ପ୍ରକଳ୍ପକୁ ପ୍ରଦାନ ପରେ ୩୦ ଏକର ସରକାରୀ ଜମି ରହିଥିଲା। ଗୋଚର ଅନାବାଦୀ ଆଦି ବିଭିନ୍ନ କିସମର ଥିବା ଏହି ସରକାରୀ ଜମିରୁ କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଏହାଦ୍ୱାରା ଗୋରୁ ଚରିବା ସମସ୍ୟା ସୃଷ୍ଟି ହେଉଥିବା ବେଳେ ପାଦଚଲା ପଥ ସଙ୍କୁଚିତ ହେବା ସହ କେତେକ ସ୍ଥାନରେ ବନ୍ଦ ହୋଇଗଲାଣି। ଦୀର୍ଘବର୍ଷ ହେବ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଟିଏ ହେଇପାରୁନି, ଯାହାଦ୍ୱାରା ଅନ୍ୟକେନ୍ଦ୍ରକୁ ପିଲାଙ୍କୁ ଚାଲି ଚାଲି ଯିବାକୁ ପଡୁଛି।

–ପ୍ରଶାନ୍ତ ଜେନା, ଅରିଶଲା

"କିଛିବର୍ଷ ଗ୍ରାମର କାହା ଘର ବାରଣ୍ଡା ଓ ସ୍କୁଲ ଘରେ ଚାଲିବା ପରେ ଦୁଇବର୍ଷ ହେବ ହରେକୃଷ୍ଣପୁର ଅଙ୍ଗନୱାଡି କେନ୍ଦ୍ରରେ ଅରିଶଲ କେନ୍ଦ୍ର ଚାଲିଛି। ଫଳରେ ବହୁ ଅସୁବିଧା ହେଉଛି। ବୈଠକ ହୋଇପାରୁନି, ଖେଳ ସାମଗ୍ରୀ ରଖିବାକୁ ଅସୁବିଧା ହେଉଛି। ଘରୁ ରୋଷେଇ କରି ଆଣିବାକୁ ପଡୁଛି।

–ରାଣୀ ବାରିକ, କର୍ମୀ, ଅରିଶଲ ଅଙ୍ଗନୱାଡି କେନ୍ଦ୍ର

"ଜଟଣୀ ବ୍ଲକ ଓ ମ୍ୟୁନିସିପାଲିଟିରେ ୨୦୯ଟି କେନ୍ଦ୍ର ରହିଛି। ଏହାର ସ୍ୱତନ୍ତ୍ର ଗୃହ ନିର୍ମାଣ ପାଇଁ ୨୦୧୧-୧୨ ରୁ ବିଭିନ୍ନ ଫେଜରେ ୧୭୫ଟି କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଛି। ସେଥିରୁ ୧୧୦ଟି ସମ୍ପୂର୍ଣ୍ଣ ହୋଇସାରିଲାଣି। ଆଉ ୬୫ଟି ମଧ୍ୟରୁ ୧୬ଟିରେ ଜମି ସମସ୍ୟା ରହିଛି। ସେଥିରେ ଅରିଶଲ କେନ୍ଦ୍ର ମଧ ରହିଛି। ଏହି ସମସ୍ୟା ଦୂର କରି ଏହାର ସ୍ୱତନ୍ତ୍ର ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି।

–ବନ୍ଦନା ଦେବୀ, ସିଡିପିଓ, ଜଟଣୀ ବ୍ଲକ

## କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ, ଚିହ୍ନଟ ଅଭିଯାନ



ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜାତୀୟ କୁଷ୍ଠରୋଗ ନିରାକରଣ ଓ ଚିହ୍ନଟ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଜଟଣୀ, ୧୪। ୨(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ଜାତୀୟ କୁଷ୍ଠରୋଗ ନିରାକରଣ ଓ ଚିହ୍ନଟ ଅଭିଯାନ ସମ୍ପର୍କିତ ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଜିଲା ଲେପ୍ରୋସି ଅଫିସର ଡା. ଇନ୍ଦିରା ରଥ, ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ ଅଫିସର ଡା. ସୌମ୍ୟଦର୍ଶିନୀ ଭୂୟାଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଜେନା ପ୍ରମୁଖ ଯୋଗ ଦେଇଥିଲେ। କୁଷ୍ଠରୋଗ ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ, ରୋଗୀଙ୍କୁ ସହାୟତା, ଥଇଥାନ, ଡାକ୍ତରଖାନାରେ ଦିଆଯାଉଥିବା ମାଗଣା ଔଷଧ, ଚିକିତ୍ସା ସୁବିଧା ଆଦି ଉପରେ ଅତିଥିମାନେ ସୂଚନା ଦେଇଥିଲେ। ଜିଲାରେ ୪୫୭ ଜଣ କୁଷ୍ଠରୋଗୀଙ୍କୁ ବଣ୍ଟନ କରାଯାଇଥିବା ସହାୟତା କିଟ୍ ନେଇ କହିଥିଲେ। ଫେବୃୟାରୀ ୧୪ ରୁ ୨୯ ପର୍ଯ୍ୟନ୍ତ କୁଷ୍ଠରୋଗ ଚିହ୍ନଟ ଅଭିଯାନ ଚାଲିବ। ଆଶା କର୍ମୀ ଘରକୁଘର ବୁଲି ଏହି ଚିହ୍ନଟ କରଣ କାର୍ଯ୍ୟ କରିବେ। ଏହି ପରିପ୍ରେକ୍ଷୀରେ କୁଷ୍ଠରୋଗୀଙ୍କୁ ସାଲ, ଚପଲ, ମେଡିକାଲ କିଟ୍ ବଣ୍ଟନ କରାଯାଇଥିଲେ। କୁଷ୍ଠରୋଗ ନିରାକରଣ ଓ ସଚେତନତା ପାଇଁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକମୁକ୍ତ କରାଯିବ

**ଜଟଣୀ, ୧୪।୨(ଡି.ଏନ.ଏ.):** ପର୍ଯ୍ୟଟନସ୍ଥଳଗୁଡିକର ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାରେ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ଶୁକ୍ରବାର ଭୁବନେଶ୍ୱର ସ୍ପେଶାଲ ସର୍କିଟ ହାଉସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ବୈଠକରେ ସ୍ଥାନ ପାଇଥିଲା। ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ଜିଲା ପର୍ଯ୍ୟଟନ ଉନ୍ନୟନ ପରିଷଦ ବୈଠକ ଆୟୋଜିତ ହୋଇଥିଲ। ପର୍ଯ୍ୟଟନ ବିକାଶ ଦ୍ୱାରା ଲୋକଙ୍କ ଆର୍ଥିକ ଉନ୍ନତି ହେବା ସହ ଆତ୍ମନିଯୁକ୍ତି ସୃଷ୍ଟି ହୋଇପାରିବ, ଯାହାଦ୍ୱାରା ଜିଲା ସମେତ ରାଜ୍ୟର ଆର୍ଥିକ ଉନ୍ନତି ହୋଇପାରିବ ବୋଲି ଜିଲାପାଳ ରାଉତ କହିଥିଲେ। ଜିଲା ଯୋଜନା କମିଟି ଅଧକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ପର୍ଯ୍ୟଟନସ୍ଥଳ ଚିଲିକାର ବିକାଶ ଉପରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଗୁରୁତ୍ୱ ଉପରେ କହିଥିଲେ। ଚିଲିକା ନିର୍ବାଚନମଣ୍ଡଳୀରେ ଥିବା ଦାମିଆ ବରବରାଠାରେ



ଭୁବନେଶ୍ୱର ସ୍ପେଶାଲ ସର୍କିଟ ହାଉସରେ ଅନୁଷ୍ଠିତ ଜିଲା ପର୍ଯ୍ୟଟନ ଉନ୍ନୟନ ବୈଠକରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

### ଜିଲା ପର୍ଯ୍ୟଟନ ଉନ୍ନୟନ ପରିଷଦ ବୈଠକ

ଇକୋଟ୍ୟୁରିଜମ୍‌ର ଉନ୍ନତୀକରଣ ଉପରେ ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିବା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ। ସେମାନେ ଖୋର୍ଦ୍ଧା ଜିଲାରେ ପର୍ଯ୍ୟଟନର ବିକାଶ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ। ଉତ୍ତର ବିଧାୟକ ଲାଇଟ୍ ବ୍ୟବସ୍ଥା, ପାର୍କିଂ ଓ ଶୌଚାଳୟ ସୁବିଧା ଆଦି କରିବାକୁ କହିଥିଲେ। ଏଥିରେ ଜିଲାର ଏମପି ଓ ବିଧାୟକମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସାମିଲ କରିବାକୁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲାସ୍ତରୀୟ ଅଧିକାରୀ ଓ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ମୀରାବାଈ ବେହେରା ସ୍ୱାଗତ ଭାଷଣ ଦେଇଥିଲେ।

## ଭାଜପା ଜିଲାସ୍ତରୀୟ ସାଙ୍ଗଠନିକ କର୍ମଶାଳା

**ଜଟଣୀ, ୧୪।୨(ଡି.ଏନ.ଏ.)** ଭାଜପା ଖୋର୍ଦ୍ଧା ଜିଲାସ୍ତରୀୟ ସାଙ୍ଗଠନିକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ଆୟୋଜିତ ହୋଇଥିଲା। କର୍ମଶାଳାରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ସାଙ୍ଗଠନିକ ଓ କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଏଥିସହ ସକ୍ରିୟ ସଦସ୍ୟ, ବୁଥ୍ ଗଠନ, ସଭ୍ୟ ସଂଗ୍ରହ କିପରି ପଞ୍ଚାୟତ ସ୍ତରରେ ସୁଚାରୁ ରୂପେ କାର୍ଯ୍ୟକାରୀ କରାଯିବ ସେନେଇ ଉପସ୍ଥିତ ନେତାମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ସାମିଲ ହେବେ ସେନେଇ ମଣ୍ଡଳ ସଭାପତିମାନେ ସତର୍କ ଦୃଷ୍ଟି ରଖିବା ନେଇ ଆଲୋଚନାରେ ସ୍ଥାନ ପାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲା ସଭାପତି ସୁବାସ ଜେନା, ଅଜୟ ମିଶ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାପାତ୍ର, କର୍ପୂର ସାହୁ, ରାଜୀବ ଲୋଚନ ଷଡ଼ଙ୍ଗୀ, ତରୁଣ ସେନା, ଦୁଷ୍ମନ୍ତ ହରିଚନ୍ଦନ, ପ୍ରକାଶ ବିଜୁଳି ଓ ଅନେକ ଭାଜପା ନେତା କର୍ମୀ ଉପସ୍ଥିତ ରହିଥିଲେ।

## ମାତୃହରା ନାତିଙ୍କୁ ଧରି ଆଈଙ୍କ ସରକାରୀ ସାହାଯ୍ୟ ନିବେଦନ

**ଜଟଣୀ, ୧୪।୨(ଡି.ଏନ.ଏ.)** ମାତୃହରା ମାସକର ନାତିକୁ ଧରି ଗରିବ ବିଧବା ଆଈ ସରକରୀ ସହାୟତା ପାଇଁ ଖୋର୍ଦ୍ଧାସ୍ଥିତ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଶୁକ୍ରବାର ନିବେଦନ କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଶିଶୁ ସୁରକ୍ଷା ଅଧିକାରୀଙ୍କ ମାଧମରେ ଲିଖିତ ଆବେଦନ କରିଛନ୍ତି। ଖୋର୍ଦ୍ଧା ଭାଲିଆବାଡ଼ି ଅଞ୍ଚଳର କୁନି ଦାସ ନାମ୍ନୀ ଜଣେ ବିଧବା ମହିଳା ଏପରି ନିବେଦନ କରିଛନ୍ତି। ତାଙ୍କ ଝିଅ କଳ୍ପନା ୨୦୧୯ ଫେବୃୟାରୀ ୧୦ରେ ପୁରୀ ଜିଲା ଅନ୍ତର୍ଗତ ମଙ୍ଗରାଜପୁର ନିବାସୀ ବେନୁ ବେହେରାଙ୍କ ସହ ବିବାହ କରିଥିଲେ। ବିବାହ ପରେ କଳ୍ପନା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଜନ୍ମ ଦେବାର ୮ ଦିନ ପରେ ଅସୁସ୍ଥ ହୋଇପଡ଼ି କଟକ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ କଳ୍ପନାଙ୍କ ମୃତ୍ୟୁ ଘଟିଥିଲ। ତେବେ କଳ୍ପନାଙ୍କ ମୃତ୍ୟୁ ପରେ ସ୍ୱାମୀ ବେନୁ ପିଲାଟିକୁ ତାଙ୍କ ଆଈ କୁନିଙ୍କ ନିକଟରେ ଛାଡ଼ି ପଳାଇ ଥିଲେ। କୁନିଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପିଲାଟିକୁ ଲାଳନ ପାଳନ କରିବାରେ ଅନେକ ଅସୁବିଧା ହେଉଥିବା ସେ ଦର୍ଶାଇଛନ୍ତି। ଏଥିପାଇଁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## ପୁଲୱାମା ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା




ପୁଲୱାମା ଶହୀଦ୍ ଯବାନଙ୍କ ଲାଗି ଜଟଣୀରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

**ଜଟଣୀ, ୧୪।୨(ଡି.ଏନ.ଏ.):** ପୁଲୱାମା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ଦୀପଦାନ ଶୋଭାଯାତ୍ରା ଜଟଣୀ ସୀତାରାମ ଛକରୁ ଉତ୍ତରାୟଣୀ ମନ୍ଦିର ପର୍ଯ୍ୟନ୍ତ ବାହାରିଥିଲା। ପରିଷଦର ସଭାପତି ଅଧାପକ ପ୍ରେମାନନ୍ଦ ମହାରଣା, ସଙ୍ଗଠନ ସମ୍ପାଦକ ମିଲନ ମହାପାତ୍ର, ଗୋପୀନାଥ ପାଢ଼ୀଙ୍କ ସମେତ ବହୁ ବିଦ୍ୟାର୍ଥୀ ପରିଷଦ ସଦସ୍ୟ ଯୋଗଦେଇ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଅମର ଯବାନମାନଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରିଥିଲେ। ସେହିପରି ବଜରଙ୍ଗୀ ସେବା ସଂଘ ପକ୍ଷରୁ ସୀତାରାମ ଛକରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ବେଗୁନିଆ, ୧୪। ୨ (ଡି.ଏନ.ଏ.):** ବାଣପୁର ଥାନା ଭେଟେଶ୍ୱର ପଞ୍ଚାୟତ ତ୍ରିଲୋଚନପୁର ଗ୍ରାମରେ ଶୁକ୍ରବାର ମଧାହ୍ନରେ ନିଆଁଲାଗି ବିଦ୍ୟାଧର ମାନସିଂହଙ୍କର ଦୁଇ ବଖରା ଚାଳ ପୋଡି ପାଉଁଶ ହୋଇଯାଇଛି। ନିଆଁକୁ ଆୟତ୍ତ କରିବାକୁ ଗ୍ରାମବାସୀ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିପକାଇ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଥିଲା। ନିଆଁ କିଭଳି ଲାଗିଲା ତାହାର କାରଣ ଜଣାପଡିନାହିଁ। ସେ ଜଣେ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## କୁଷ୍ଠରୋଗ ଦୂରେଇବାକୁ ଗଡିଲା ଶାମ୍ପ ରଥ

**ବେଗୁନିଆ, ୧୪। ୨ (ଡି.ଏନ.ଏ.)** କୁଷ୍ଠରୋଗ ଦୂରୀଭୂତ ପାଇଁ ଏକ ସଚେତନତା ଶାମ୍ପ ରଥ ଗଡିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବେଗୁନିଆ ବ୍ଲକର ସମସ୍ତ ଗାଁକୁ ଏହି ରଥ ଗଡିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। କୁଷ୍ଠରୋଗର କାରଣ କ'ଣ, ଏହାର ନିରାକରଣ ଏବଂ ଏହି ରୋଗରୁ ଆମେ କିଭଳି ଉପଶମ ପାଇବା ସେ ନେଇ ଏହି ରଥ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇପାରିବ। ସେହିପରି ଏହି ରୋଗର ଲକ୍ଷଣ କେମିତି ଜାଣିବେ ସେ ନେଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ ବୋଲି ପ୍ରଚାର କରାଯାଉଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ ଡାକ୍ତର ବିଷ୍ଣୁପ୍ରିୟା ସାହୁ ପତାକା ଦେଖାଇ ଶାମ୍ପ ରଥକୁ ଉଦ୍‌ଘାଟନ କରିଥିଲେ। ନିକଟରେ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ହେଲେ ଏହି କାର୍ଯ୍ୟକ୍ରମରେ ସରକାରୀ ନିୟମାନୁସାରେ ସ୍ଥାନୀୟ ଅଞ୍ଚଳର କୌଣସି ଜନପ୍ରତିନିଧି ଯୋଗ ଦେଇ ନ ଥିଲେ।



ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରିଥିବା କୁଷ୍ଠରୋଗ ନିରାକରଣ ପାଇଁ ଶାମ୍ପ ରଥ ।

## ଅକଳରେ ପ୍ରଶାସନ: ବ୍ଲକମୁହାଁ ଯୋଗ୍ୟ ହିତାଧିକାରୀ



ଗୋଡିସାହି ଗାଁର ଆର୍ତ୍ତ ସ୍ୱାଇଁଙ୍କ ଘର ଭାଙ୍ଗି ପଡିଛି, ଆବାସ ଯୋଜନାରେ ନାଁ ନାହିଁ।

■ ବେଗୁନିଆ ଅଞ୍ଚଳରେ ଆବାସ ଦୁର୍ନୀତି ପ୍ରସଙ୍ଗ

■ ଗାଁ ଦଲାଲଙ୍କ ଜାଲରେ ଫସିଯାଉଛନ୍ତି ବାବୁ

**ବେଗୁନିଆ, ୧୪। ୨ (ଡି.ଏନ.ଏ.)–** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଦେଖାଦେଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଦୁର୍ନୀତି ନିତିଦିନିଆ ପ୍ରସଙ୍ଗରେ ପରିଣତ ହୋଇଗଲାଣି। ୨୦୧୯ ଅକ୍ଟୋବରରେ ଏହି ଯୋଜନାରେ ପ୍ରକୃତ କାର୍ଯ୍ୟଧାରା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ପ୍ରମାଣିତ ହୋଇଥିଲା। ତାହା ଏବେ ପୁଣି ନୂତନ ଚୟନ ତାଲିକା ବିଜ୍ଞପ୍ତି ପ୍ରକାଶ ପରେ ବାଦ ପଡିଥିବା ପ୍ରକୃତ ହିତାଧିକାରୀଙ୍କ ଅସନ୍ତୋଷର କୋହକୁ ଦ୍ୱିଗୁଣିତ କରିଛି। ଗତ ୨ ଦିନ ବ୍ୟବଧାନରେ ଆବାସ ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନେ ବାସ ଖଣ୍ଡିଏ ଆଶାରେ ବ୍ଲକ ମୁହାଁ ଦୌଡୁଛନ୍ତି। ତେବେ ଗାଁ ଦଲାଲଙ୍କ ଜାଲରେ ପୁଣି ନୂତନ ଚୟନ ତାଲିକା ପ୍ରସ୍ତୁତ କରାଯାଇଥିବା ଧୀରେ ଧୀରେ ପ୍ରମାଣିତ ହେବାରେ ଲାଗିଛି। ଏହାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ଅଭାସରୁ ଯାହା ଜଣାପଡୁଛି ସେମାନେ ପୁଣି ଅକଳରେ ପଡିଗଲେ।

ଏହି ବ୍ଲକର ଗଡମାଣତୀର, ବୋତଲମା, କୁଞ୍ଜୁରୀ, ସିମୋର ଏବଂ ପୋଡାଡିହ ଆଦି ପଞ୍ଚାୟତ ଅଞ୍ଚଳରେ ବାସ କରୁଛନ୍ତି ବହୁ ଗରିବ ଲୋକ। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରା ନ ଯାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବିଜ୍ଞପ୍ତିରେ ପ୍ରକାଶ ପାଇଥିଲା। ଏପରି କି ଗୋଟିଏ ପରିବାରର ଏକାଧିକ ସଦସ୍ୟ ହାତେଇଥିଲେ ନୂତନ ବାସଗୃହ। ସେହିପରି ୨ ମହଲା କୋଠା ଥିବା ବ୍ୟକ୍ତିଙ୍କ ନାମରେ ହାତଗୁଞ୍ଜା ନେଇ ସରକାରୀ କର୍ମଚାରୀମାନେ ଏହି ଯୋଜନାର ଗୃହ ପ୍ରଦାନ କରିଥିଲେ। ସବୁଠାରୁ ଅତି ସମ୍ବେଦନଶୀଳ ଅଭିଯୋଗ ହେଲା ଗୃହ ନିର୍ମାଣ ନ କରି ଅନ୍ୟ ଲୋକଙ୍କ କୋଠାକୁ ଦେଖାଇ ଫଲ୍‌ସ ବିଲ୍ ମଞ୍ଜୁର ଦଲାଲଙ୍କ ନାମରେ କରାଯାଇଥିଲା। ଏଭଳି ଗୁରୁତର ବ୍ୟତିକ୍ରମ ପଦାକୁ ଆସିବା ପରେ ଏକାଧିକ ସରକାରୀ କର୍ମଚାରୀ ଛଟେଇ ହୋଇଥିଲେ। ସେହିପରି ଏହି ଘଟଣାରେ ମଧ ଜଣେ ଗାଁ ଦଲାଲ ଗିରଫ ହୋଇ ଜେଲ ଯାଇଥିଲେ। ଏହାକୁ ହୃଦୟଙ୍ଗମ କରି ଆଉଥରେ ଏକ ଟିମ୍ ଅନ୍ୟ ବ୍ଲକରୁ ଆସି ଗାଁକୁ ଗାଁ ବୁଲି ହିତାଧିକାରୀ ଚୟନ କରିଥିଲେ। ଚଳିତମାସ ୭ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶାଙ୍କ ପତ୍ର ସଂଖ୍ୟା ୩୨୬୮ରେ ନୂତନ ଚୟନ ତାଲିକା ପଞ୍ଚାୟତ ଦ୍ୱାରା ପ୍ରକାଶ ପାଇଛି। ଉକ୍ତ ତାଲିକାରେ ମଧ ପ୍ରକୃତ ହିତାଧିକାରୀମାନଙ୍କର ନାମ ନ ଥିବା ଜଣାପଡିଥିଲା। ଏହାକୁ ନେଇ ଗ୍ରାମାଞ୍ଚଳରେ ଅସନ୍ତୋଷ କୁହୁଳୁ ଥିବାବେଳେ ପ୍ରମାଣ ପତ୍ର ଧରି ବାସ ଖଣ୍ଡିଏ ପାଇବା ଆଶାରେ ଗାଁରୁ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ବାକ୍ସ ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀ ଦୌଡୁଛନ୍ତି। ୨ ଦିନ ମଧ୍ୟରେ ୨୫ରୁ ୩୦ ଅଭିଯୋଗ ପତ୍ର ପଡିଥିବା ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ହେଲେ ଶୁକ୍ରବାର ଅଭିଯୋଗ କରିବାକୁ ଆସିଥିବା କେତେଜଣ ଅଭିଯୋଗକାରୀ ବାସ ଖଣ୍ଡିଏ ପାଇବା ଆଶା ମନରୁ ଲିଭି ଗଲାଣି। ଖାଲି ଅଲାଜୁକ ମୁହଁରେ ଅଭିଯୋଗପତ୍ର ଦାଖଲ କରୁଛୁ। ଏ ସମ୍ପର୍କରେ ଜିଲାର ଜଣେ ପଦାଧିକାରୀଙ୍କୁ ପଚାରିବାରୁ ସେ ନାମ ଗୋପନ ରଖିବା ସର୍ତ୍ତରେ କହିଥିଲେ, ନିର୍ଦ୍ଦିଷ୍ଟ ବ୍ଲକ କର୍ମଚାରୀଙ୍କ ପକ୍ଷରୁ ତାଲିକା ଚୟନରେ ତ୍ରୁଟି ରହୁଥିବା ଅଭିଯୋଗ ଉଠିବା ପରେ ଅନ୍ୟ ବ୍ଲକର କର୍ମଚାରୀଙ୍କୁ ଚୟନ ତାଲିକା ପ୍ରସ୍ତୁତ ପାଇଁ ପଠାଇଥିଲୁ। ମାତ୍ର ଏହି ନୂତନ ତାଲିକାରେ ତ୍ରୁଟି ଥିବାର ପୁଣି ଅଭିଯୋଗ ଉଠୁଛି। ଏଥିରୁ ଯାହା ସ୍ପଷ୍ଟ ଅନୁମାନ କରାଯାଉଛି ପୁଣି ଆମେ ଅକଳରେ ପଡି ଆଉଥରେ ଚୟନ ପ୍ରକ୍ରିୟା କରାଯାଇପାରେ ବୋଲି ସେ କହିଛନ୍ତି।



ଏକମାତ୍ର କୁହୁକ ହେଉଛି କଠିନ ପରିଶ୍ରମ, ଦୂରଦୃଷ୍ଟି, କର୍ତ୍ତବ୍ୟବୋଧ ଓ ଦୃଢ଼ ସଂକଳ୍ପ।
-ଇନ୍ଦିରାଗାନ୍ଧୀ



## ସଂକ୍ଷେପରେ

### ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ ଅଫିସ,୧୪।୨: ୨୦୧୯ ଫେବୃୟାରୀ ୧୪ତାରିଖରେ ଜମ୍ମୁ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ଜଣ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଏହି ଆକ୍ରମଣକୁ ଶୁକ୍ରବାର ବର୍ଷେ ପୂରିଛି। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। କୁଳପତି ପ୍ରଫେସର ହରିହର ହୋତା ରାଷ୍ଟ୍ରପ୍ରେମର ବାର୍ତ୍ତା ଦେଇଥିଲେ। ଏଥିରେ ସ୍ନାତକୋତ୍ତର ପରିଷଦର ଚେୟାରମ୍ୟାନ ପ୍ରଫେସର ଗୋବିନ୍ଦ ଚନ୍ଦ୍ର କରଙ୍କ ସମେତ ସମସ୍ତ ପ୍ରାଧାପକ, ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୁରୀ ନଗର ଶାଖା ଓ ଏନୱାଇକେଏସ ପୁରୀ ପକ୍ଷରୁ ସିଂହଦ୍ୱାର ନିକଟରେ ଦୀପ ପ୍ରଜ୍ୱଳନ କରି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସାହିଭାଇ ଅନୁଷ୍ଠାନ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ଶୁଭେନ୍ଦୁ ପରିଡାଙ୍କ ସମେତ ଏକାଧିକ ସଦସ୍ୟ ସିଂହଦ୍ୱାର ନିକଟରେ ଦୀପଜାଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଲୁଲୁ ମହାପାତ୍ରଙ୍କ ଜୟନ୍ତୀ ପାଳିତ

ବ୍ରହ୍ମଗିରି,୧୪।୨ (ଡି.ଏନ.ଏ): ବ୍ରହ୍ମଗିରିର ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜନ୍ମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ ଗଡ଼ରୋଡ଼ଙ୍ଗସ୍ଥିତ ବାସଭବନରେ ଜୟନ୍ତୀ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ଲୁଲୁପ୍ରେମୀମାନେ ସାମିଲ ହୋଇ ଅମର ଆତ୍ମାର ସ୍ମୃତିଚାରଣ କରିଥିଲେ। ବ୍ରହ୍ମଗିରି ପାଇଁ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ଓ ତାଙ୍କ ଆଦର୍ଶ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଲୁଲୁ ମହାପାତ୍ର ହେଉଛନ୍ତି ବ୍ରହ୍ମଗିରି ମାଟିର ଏକ ଉଜ୍ଜ୍ୱଳ ଜ୍ୟୋତି। ତାଙ୍କ ଭଳି ଆଉ ଜଣେ ଲୁଲୁ ମହାପାତ୍ରଙ୍କ ଜନ୍ମ ପାଇଁ ଏ ବ୍ରହ୍ମଗିରି ମାଟି ସର୍ବଦା ଚାହିଁ ରହିଛି ବୋଲି ଅତିଥିମାନେ କହିଥିଲେ। ମାନସୀ ହରିଚନ୍ଦନ, କୃଷ୍ଣଚନ୍ଦ୍ର ରାୟ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁଧାକର ଭୋଳ, ବିଶ୍ୱମ୍ଭର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ନିମାପଡ଼ା,୧୪।୨(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ବାମନାଳ ପଞ୍ଚାୟତ ଅଧୀନ ବାମନାଳ ବଜାରଠାରେ ଏକ ନୂତନ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୦/ଇଏକ୍ସ ରେ ପ୍ରକାଶ ପାଇଛି। ଏହି ପ୍ରସ୍ତାବିତ ମଦ ଦୋକାନକୁ ବାମନାଳ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧ କରାଯାଇଛି। ଏଠାରେ ମଦ ଦୋକାନ ଖୋଲା ହେଲେ ଗଣ୍ଡଗୋଳ, ଚୋରି ଓ ବିଭିନ୍ନ ଅପରାଧ ଘଟିବ ବୋଲି ଆଶଙ୍କା ରହିଛି। ବାମନାଳ ବଜାରଠାରେ ନୂତନ ମଦ ଦୋକାନ ଖୋଲାଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର ସହ ପ୍ରକାଶିତ ବିଜ୍ଞପ୍ତିକୁ ବାତିଲ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏଥିରୁ ନିବୃତ୍ତ ନ ହେଲେ ପଞ୍ଚାୟତବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ସନ୍ଧ୍ୟାରାଣୀ ଛୋଟରାୟ, ସମିତିସଭ୍ୟ ଦୀପକ ଦାସ, ସୁରେନ୍ଦ୍ର ନାଥ ସ୍ୱାଇଁ, ବିଶ୍ୱଜିତ୍ ଛୋଟରାୟ, ଉଦୟନାଥ ଦାଶ, ମଦନ ମୋହନ ଛୋଟରାୟ, ଦେବରାଜ ମହାନ୍ତିଙ୍କ ସମେତ ଶତାଧିକ ଲୋକେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ହଜାର ହଜାର ଲୋକଙ୍କ ସମ୍ବଳିତ ଏକ ଦାବିପତ୍ର ବିଧାୟକ ସମୀର ରଞ୍ଜନ ଦାଶ ଓ ପୁରୀ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ସରପଞ୍ଚ ଛୋଟରାୟ କହିଛନ୍ତି।

### ରେଳ ଠିକା କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ,୧୪।୨: ବିଭିନ୍ନ ଦାବି ନେଇ ଓଡ଼ିଶା ପୂର୍ବତଟ ରେଳବାଇ ଠିକା କର୍ମଚାରୀ ସଂଘ ପକ୍ଷରୁ ପୁରୀ ଷ୍ଟେଶନସ୍ଥିତ ସିଏଚ୍ଆଇ ଅଫିସ ସମ୍ମୁଖରେ ଗତ ୧୧ ତାରିଖଠାରୁ ଶାନ୍ତିପୂର୍ଣ୍ଣ ଧାରଣା ଚାଲିଛି। ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଧାରଣା ଦିଆଯାଉଛି। ସଂଘର ସାଧାରଣ ସମ୍ପାଦକ ଦିଲୀପ କୁମାର ସାମଲ କହିଛନ୍ତି, ପ୍ଲାଟଫର୍ମ ସଫେଇ ପାଇଁ ଠିକ୍ ଭାବେ ସାମଗ୍ରୀ ଯୋଗାଇ ଦିଆଯାଉ ନାହିଁ। ଏଥିରେ ଦୁର୍ନୀତି କରାଯାଉଛି। କର୍ମଚାରୀମାନେ ମଧ୍ୟ ଶୋଷଣର ଶିକାର ହେଉଛନ୍ତି। ଏହାର ତଦନ୍ତ କରାଯାଉ। କର୍ମଚାରୀଙ୍କୁ ସରକାରୀ କାଉଣ୍ଟର ଦସ୍ତଖତ ଥାଇ ପରିଚୟପତ୍ର ପ୍ରଦାନ, ପୂର୍ବ ପେ ସ୍ଲିପ ସହ ବର୍ତ୍ତମାନର ପେ ସ୍ଲିପ ଦରମା ପ୍ରଦାନ, ମୃତ କର୍ମଚାରୀଙ୍କ ସମ୍ପର୍କୀୟଙ୍କୁ ପିଏଫ୍ ଟଙ୍କା ପ୍ରଦାନ ଆଦି ଦାବିରେ ଏହି ଧାରଣା ଚାଲିଛି ସାମଲ କହିଛନ୍ତି।

# କଲମରେ ବଦଳାଯାଉଛି ପ୍ରସ୍ତୁତି ତାରିଖ

ପୁରୀ ଅଫିସ,୧୪।୨:

ଶିଶୁଙ୍କ ସ୍ୱାସ୍ଥ୍ୟରେ ହିତକାର ପାଇଁ ସରକାରଙ୍କ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଉଛି। କିନ୍ତୁ ଏଥିରେ ବ୍ୟାପକ ମାତ୍ରାରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଛତୁଆ ପ୍ୟାକେଟ ଉପରେ ପ୍ରସ୍ତୁତି ତାରିଖ ନ ଥିବାବେଳେ ଏହାକୁ କଲମରେ ଲେଖାଯାଉଛି। ପୁରୀ ଜିଲାରେ ଏମିତି ଛତୁଆରେ ଅଧିକ ଦୁର୍ନୀତି ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି କୌଣସି ସୁଫଳ ମିଳୁ ନାହିଁ। ଛତୁଆ ପ୍ୟାକେଟ ଉପରେ ହାତରେ କଲମରେ ପ୍ରସ୍ତୁତି ତାରିଖ ଲେଖି ବଦଳାଯାଉଥିବା ନେଇ ଆଲୋକ ଦାଶ ନାମକ ଜଣେ





ସଚେତନ ଯୁବକ ଜିଲାପାଳଙ୍କୁ ଟୁଇଟ୍ କରି ଜଣାଇଛନ୍ତି।

ପୁରୀ ସହରରେ ଯେଉଁ ଶିଶୁ ଖାଦ୍ୟ ଯୋଗାଇ ଦିଆଯାଉଛି ତାହା ଖାଦ୍ୟ ଉପଯୋଗୀ ନୁହେଁ। ଏଥିରେ ବ୍ୟାପକ ମାତ୍ରାରେ ଦୁର୍ନୀତି କରାଯାଉଛି। ଫଳରେ ଅଙ୍ଗନୱାଡି କେନ୍ଦ୍ରରୁ ଶୁଖିଲା ଖାଦ୍ୟ ଆଣିବା ପରେ ତାହାକୁ ଅନେକ ଫୋପାଡି ଦେଉଛନ୍ତି। ଏ ନେଇ ପୂର୍ବରୁ ଜିଲା ଯୁବ କଂଗ୍ରେସ ପକ୍ଷରୁ ବାରମ୍ବାର ପ୍ରଶାସନ ଦୃଷ୍ଟି ଆକର୍ଷଣ କରାଯିବା ସହ ବିକ୍ଷୋଭ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଶନିବାର ପୁଣି ଛତୁଆକୁ ନେଇ ଆଉ ଏକ ଦୁର୍ନୀତି ପଦାକୁ ଆସିଛି। ଛତୁଆ ପୁରୁଣା ହୋଇଯାଇଥିବା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ ରଖି ପ୍ରସ୍ତୁତି ତାରିଖ କଲମରେ ଲେଖାଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ପିଲାଙ୍କ ଖାଦ୍ୟରେ ଏପରି ଦୁର୍ନୀତି ହେବା ଠିକ୍ ନୁହେଁ ବୋଲି ସଚେତନ ବୁଦ୍ଧିଜୀବୀ କହିଛନ୍ତି। କେବଳ ଏହି ଘଟଣା ନୁହେଁ, ଗତବର୍ଷ ଅକ୍ଟୋବର ୧୦ରେ ଶିଶୁଙ୍କ ଖାଦ୍ୟରେ ଦୁର୍ନୀତି କରାଯାଉଥିବାରୁ ଏ ନେଇ ଦରଜୀପୋଖରୀ ଛକର ଗୁରୁଦତ୍ତ ସ୍ୱାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଗୁରୁଦତ୍ତ ଦର୍ଶାଇଥିଲେ ଯେ, ସେ ତାଙ୍କ ଦେଢବର୍ଷ ଝିଅ ପାଇଁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରୁ ଶୁଖିଲା ଖାଦ୍ୟ ଆଣୁଛନ୍ତି। ଏହି ଖାଦ୍ୟ ପ୍ୟାକେଟରେ ସୁଜି ୭୬୦ ଗ୍ରାମ୍, ବେସନ ୨୬୦ ଗ୍ରାମ୍, ଚିନି ୪୦୦ ଗ୍ରାମ୍, ତେଲ ୮୦ ଗ୍ରାମ୍ ଏହିପରି ମୋଟ ୧୫୦୦ ଗ୍ରାମ୍ ଉଲ୍ଲେଖ ରହିଛି। ତେବେ ପ୍ୟାକେଟରୁ କେବଳ ସୁଜି ଓ ବେସନ ୨ଟି ପୃଥକ ଜରି ପ୍ୟାକେଟ ବାହାରିଥିବା ବେଳେ ଅନ୍ୟ ସାମଗ୍ରୀ ନ ଥିଲା। ପ୍ରତ୍ୟେକ ମାସରେ ଏଭଳି ଘଟୁଛି । ତେଣୁ ଏହାର ଉପଯୁକ୍ତ ତଦନ୍ତ କରିବାକୁ ସେ ଅନୁରୋଧ କରିଥିଲେ ।





ଲୋକକଳା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ପ୍ରଥମ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

କୋଣାର୍କ,୧୪।୨(ଡି.ଏନ୍.ଏ.):

କୋଣାର୍କସ୍ଥିତ ଅର୍ବାନହାଟ ସାଂସ୍କୃତିକ ମଣ୍ଡପରେ ଅଗ୍ରଣୀ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ ପ୍ରଥମ ଲୋକକଳା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ପୁରୀ ଜଲା ନେହେରୁ ଯୁବକେନ୍ଦ୍ରର ଯୁବସଂଯୋଜକ ଜୟଶଙ୍କର ଯୋଶୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ରୁକ୍ମିଣୀ ଦେବୀ, ହରିଶଚନ୍ଦ୍ର ଦାଶ, ବଗବତି ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁଚରଣ ମିଶ୍ର, ଶ୍ରମିକନେତା ମନୋରଞ୍ଜନ ପରିଡା, ଏନ୍.ସି. ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଲୁପ୍ତ ଲୋକକଳା ଓ ସଂସ୍କୃତିକୁ ଉଜ୍ଜିବୀତ ରଖିବା ପାଇଁ ଆୟୋଜକ ଅନୁଷ୍ଠାନ ନାଟ୍ୟଦୀପର ପ୍ରୟାସ ଏକ ସାଂସ୍କୃତିକ ଆନ୍ଦୋଳନକୁ ଜନ୍ମଦେବା ସହ ସମାଜରେ ଲୋକକଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ନିତ୍ୟାନନ୍ଦ ମହାରଣା ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ସମାରୋହର ପ୍ରଥମ ସନ୍ଧ୍ୟାରେ କୋଣାର୍କ ନାଟ୍ୟ ମଣ୍ଡପର ଶିଶୁ କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା। ଏହା ପରେ ଗୁରୁ କପିଳ ଚରଣ ମୁଦୁଲିଙ୍କ ଦ୍ୱାରା ଖଞ୍ଜଣି ଭଜନ ଓ ଶେଷରେ ଭୁବନେଶ୍ୱରର ଗୁରୁ ଜୟଶ୍ରୀ ଦାଶଙ୍କ ଦ୍ୱାରା ବିଲୁପ୍ତ ଲୋକନୃତ୍ୟ କଣ୍ଢେଇ ନାଚ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନାଟ୍ୟଦୀପର ସମସ୍ତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ

ନିମାପଡ଼ା,୧୪।୨(ଡି.ଏନ୍.ଏ.):

**କଲେଜ ବାର୍ଷିକ ଉତ୍ସବରେ ବିବାଦ**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସିଆରପିଏଫ୍ ଡିଆଜି ରାମ ଚରିତ୍ର, କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ରାଜକିଶୋର ସାବୁତ, ପୂର୍ବତନ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଡ. କୁଞ୍ଜବିହାରୀ ମହାନ୍ତି, ବସନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କଲେଜର ଉତ୍ତରୋତ୍ତର କାମନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଆହତ ଦୁଇ ଛାତ୍ରଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, କଲେଜର ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଜଣେ ଛାତ୍ର କଲେଜ ପରିସରରେ ଲାଗିଥିବା ଫୁଲ ଗଛକୁ ଉପାଡ଼ିବାରୁ ଜଣେ ଏନ୍‌ସିସି କ୍ୟାଡେଟ ଏହାକୁ ବିରୋଧ



ଉତ୍ତ୍ୟକ୍ତ ଛାତ୍ରମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ସହ ଟେକା, ପଥର ମାଡ଼ ହୋଇଥିଲା। ଏଥିରେ ଦୁଇ ଜଣ ଛାତ୍ର ଆହତ ହୋଇଥିଲେ। ଖବରପାଇ ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୋଷ୍ଠୀର ଉତ୍ତ୍ୟକ୍ତ ଛାତ୍ରଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନ୍‌ସିସି କ୍ୟାଡେଟଙ୍କୁ ସାଧାରଣ ଛାତ୍ରୀଛାତ୍ର ଗାଳିଗୁଲଜ ସହ ଠେଲାପେଲା କରିଥିବା ଅଭିଯୋଗରେ ବହୁ ଏନ୍‌ସିସି କ୍ୟାଡେଟ କଲେଜ ପରିସରରେ ଧାରଣା ଦେବା ସହ ଅଧ୍ୟକ୍ଷ ରାଜକିଶୋର ରଥଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରଥ କୁହନ୍ତି, କଲେଜର ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ କିଛି ସମୟ ପାଇଁ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାଇବା ପରେ ଛାତ୍ରମାନେ ଗଣ୍ଡଗୋଳରୁ ନିବୃତ୍ତ ରହିଥିଲେ।

# ପଞ୍ଚାୟତସ୍ତରରେ ବଦଳିବ ବିଜେଡି ପଦ ପଦବୀ : ମନ୍ତ୍ରୀ

ଗୋପ,୧୪।୨(ଡି.ଏନ୍.ଏ.):

ପଞ୍ଚାୟତସ୍ତରରେ ବିଜୁ ଜନତା ଦଳର ପଦ ପଦବୀରେ ପରିବର୍ତ୍ତନ କରାଯିବ। ଯେଉଁମାନେ ଦଳର ପଦବୀ ହାସଲ କରି ଜନସାଧାରଣଙ୍କ କାର୍ଯ୍ୟ କରୁନାହାନ୍ତି, ସେହି ନେତାଙ୍କୁ ବଦଳାଇ ଅଭିଜ୍ଞ ତଥା ଲୋକପ୍ରିୟ ଯୁବକଙ୍କୁ ପ୍ରାଧାନ୍ୟ ଦିଆଯିବ। ଏଭଳି ଭାବେ ପଞ୍ଚାୟତ ସଭାପତି ଚୟନ ହେବ ବୋଲି ନିମାପଡ଼ା ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପ୍ରକାଶ ଯେ, ବର୍ଷ ବର୍ଷ ଧରି ପଞ୍ଚାୟତସ୍ତରରେ ସଭାପତି ପଦବୀ ହାତେଇ କାର୍ଯ୍ୟ କରୁନାହାନ୍ତି। ନିର୍ବାଚନ ସମୟରେ ଦଳୀୟ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ସହ ସଂଗଠନକୁ ମଜବୁତ୍ କରିବା ଲାଗି ପଞ୍ଚାୟତ ସ୍ତରରେ ବିଜେଡ଼ି ସଭାପତି ଚୟନ କରାଯାଇଥିଲା। ମାତ୍ର ଗୋପ ବ୍ଲକ୍‌ରେ ଥିବା ୧୪ ପଞ୍ଚାୟତ ମଧ୍ୟରୁ କେତେକ ପଞ୍ଚାୟତରେ ବିଜେଡି ପଞ୍ଚାୟତ ସଭାପତି ଓ ୱାର୍ଡ଼ କମିଟି ସଭାପତି ମାନେ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି।





କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଅଧ୍ୟାପକ ଏବଂ କୃତୀ ଛାତ୍ର।

# କୃତୀ ଛାତ୍ର, ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ,୧୪।୨

ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟ ପକ୍ଷରୁ ଚଳିତବର୍ଷ ଅନୁଷ୍ଠିତ ସର୍ବଭାରତୀୟ ଗ୍ରାଜୁଏଟ ଫାର୍ମାସୀ ଆପ୍‌ଟିଚ୍ୟୁଡ ଟେଷ୍ଟରେ ଅନୁଷ୍ଠାନର ୩ ଛାତ୍ର ଓ ଜଣେ ଅଧ୍ୟାପକ ସଫଳତା ହାସଲ କରିଥିଲେ। କୃତୀ ଛାତ୍ର ତନ୍ମୟ କ୍ୟାମ୍ପ, ରୋଲାନ୍ସ ଭୂତିଆ ଓ ସତ୍ୟରଞ୍ଜନ ମହାପାତ୍ରଙ୍କ ସମେତ ଅଧ୍ୟାପକ ବସନ୍ତ କୁମାର ବେହେରାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଚେୟାରମ୍ୟାନ ଅନିମା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ଛାତ୍ରମାନଙ୍କ ପାଇଁ ସର୍ବଭାରତୀୟସ୍ତରରେ କଲେଜ ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜୟ ନାୟକ, ପ୍ରଧାପକ ଡ. ଅନୁପ ପାଲ ଉପସ୍ଥିତ ଥିଲେ। ଅଧ୍ୟାପକ ସିଦ୍ଧେଶ୍ୱର ପାଢୀଯୋଶୀ, ଅଧ୍ୟାପିକା ସୁନୀତା ମିଶ୍ର ଉତ୍ସବକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଜିଠୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ପୁରୀ ଅଫିସ,୧୪।୨ : ସାମାଜିକ ଅନୁଷ୍ଠାନ ପବ୍ଲିକ୍ ପକ୍ଷରୁ ହିରୋ ପବ୍ଲିକ କପ୍ କ୍ରିକେଟ ମ୍ୟାଚ ୧୫ ଓ ୧୬ ତାରିଖରେ ପୋଲିସ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରଶାସନ, ପୋଲିସ ପ୍ରଶାସନ, ବାର ଆସୋସିଏଶନ, ଗଣମାଧ୍ୟମ, କର୍ପୋରେଟ ସେବାୟତଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ ହେବ।

# ବ୍ଲକ୍ ଅଫିସ ଆଗରେ ଫନୀ କ୍ଷତିଗ୍ରସ୍ତଙ୍କ ଧାରଣା

ସାକ୍ଷୀଗୋପାଳ,୧୪।୨(ଡି.ଏନ୍.ଏ.):

ଗ୍ରାମୀଣ ଘରଭଙ୍ଗା ସହାୟତା ତାଲିକାରୁ ବାଦ୍ ପଡ଼ିଥିବା ଫନୀ ପ୍ରଭାବିତ ଲୋକେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଧାରଣା ଦେଇଥିଲେ। ସ୍ଥାନୀୟ ପେଣ୍ଠପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଅସନ୍ତୋଷ ଲୋକେ ବିଡିଓଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଜଣାଇବାକୁ ଧାରଣାରେ ବସିଥିଲେ। କଚାଘରେ ରହୁଥିବା ଲୋକମାନଙ୍କ ଘର ଫନୀରେ ନଷ୍ଟ ହୋଇଯାଇଥିଲା। ବାରମ୍ବାର ଘରଭଙ୍ଗା ତଦନ୍ତ



ବ୍ଲକ କାର୍ଯ୍ୟାଳୟ ଆଗରେ ଫନୀ କ୍ଷତିଗ୍ରସ୍ତମାନେ ଧାରଣା ଦେଇଛନ୍ତି।

କରାଯାଉଥିଲେ ମଧ୍ୟ ନାମ ବାଦ୍‌ପଡ଼ିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରକାଶିତ ତାଲିକାରେ ଅନେକ ଯୋଗ୍ୟ ଲୋକ ବାଦ୍ ପଡ଼ିଥିବାବେଳେ ପକ୍କାଘର ଥିବା କିଛି ଅଯୋଗ୍ୟ ଲୋକଙ୍କୁ ତାଲିକାଭୁକ୍ତ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସତ୍ୟବାଦୀ ବ୍ଲକ୍‌ର ମୋଟ ୨୪ ପଞ୍ଚାୟତର ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ପରିବାର କଚାଘର ରହିଥିବା ତାଲିକା ବ୍ଲକ୍ କାର୍ଯ୍ୟାଳୟରେ ପ୍ରକାଶ କରାଯାଇଛି। ସେମାନଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ ବୋଲି ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ତାଲିକା ପ୍ରକାଶ ପାଇବା ପରେ ବାଦ୍ ପଡ଼ିଥିବା ଯୋଗ୍ୟ ପରିବାର ବ୍ଲକ୍ ଅଫିସରେ ଦରଖାସ୍ତ କରିବାକୁ ଅଭିଯୋଗ ବାକ୍ସ ରଖାଯାଇଛି। ଦରଖାସ୍ତଗୁଡ଼ିକ ଯାଞ୍ଚ କରାଯାଇ ସାନି ତଦନ୍ତ କରାଯିବ। ସେମାନଙ୍କ ମଧ୍ୟରେ ଯଦି ଯୋଗ୍ୟ ପରିବାର ରହିଥିବେ, ସେମାନଙ୍କୁ ପକ୍କାଘର ଯୋଗାଇ ଦେବାରେ କିଛି ଅସୁବିଧା ରହିବ ନାହିଁ ବୋଲି ବିଡିଓ କହିଛନ୍ତି।



ପୁରୀ ସଂସ୍କୃତି ଭବନରେ ପ୍ରିୟପତ୍ର ଅନୁଷ୍ଠାନର ସ୍ୱନକ୍ଷତ୍ର ଦିବସରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# କାମଦେବଙ୍କ ପ୍ଲାଷ୍ଟିକ ବୋତଲରେ ଚାରାରୋପଣ

ପୁରୀ ଅଫିସ,୧୪।୨:

**■ବୁଲି ଦେଖିଲେ ପଦ୍ମବିଭୂଷଣ ମନୋଜ ଦାସ**

ସିଦ୍ଧ ମହାବୀର ରେଳଫାଟକ ପାଖରେ ହଠାତ ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ପହଞ୍ଚିଥିଲେ ବିଶିଷ୍ଟ ସାହିତ୍ୟିକ ପଦ୍ମବିଭୂଷଣ ମନୋଜ ଦାସ। ସେ ରେଳ କର୍ମଚାରୀ କାମଦେବ ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ ପ୍ଲାଷ୍ଟିକ ବୋତଲରେ ଚାରା ଦେଖିବାକୁ ଆସିଥିଲେ। ଫାଟକ ଗ୍ରୀଲରେ ଭିନ୍ନଭିନ୍ନ ପ୍ଲାଷ୍ଟିକ ବୋତଲରେ ଲାଗିଥିବା ବିଭିନ୍ନ କିସମର ଫୁଲ ଚାରାକୁ ଦେଖି ଖୁସି ହୋଇଥିଲେ। ସୋସିଆଲ ମିଡିଆରୁ କାମଦେବଙ୍କ ପ୍ଲାଷ୍ଟିକ ଚାରା ସମ୍ପର୍କରେ ଜାଣିବାକୁ ପାଇଥିଲେ ମନୋଜ। ଶୁକ୍ରବାର ପୁରୀ ଗସ୍ତରେ ଆସିବା ଅବସରରେ ତାଙ୍କର କାମଦେବଙ୍କ କଥା ମନେ ପଡ଼ିଥିଲା। ମନୋଜ ଫେରିବା ବେଳେ ତାଙ୍କ ହାତରେ ୪ଟି ଚକୋଲେଟ ଧରାଇ ଏଇଟା ମୋର ଉପହାର ବୋଲି କହିଥିଲେ। ଏହାଦେଖି ସେହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ କାମଦେବଙ୍କୁ ପ୍ରଶଂସା କରିଥିଲେ।

କାମଦେବ ରେଳଧାରଣା କଡ଼ରେ ଅପରିଷ୍କାର ପ୍ଲାଷ୍ଟିକ ପଡିଥିବା ଦେଖି ଏହାର ସଦୁପଯୋଗ ଲାଗି ଉପାୟ ଖୋଜିଥିଲେ। ପ୍ଲାଷ୍ଟିକକୁ ସଂଗ୍ରହ କରି ଉପର ଅଂଶକୁ କାଟି ସେଥିରେ ମାଟି ଓ ବାଲି ପୁରାଇ ଫୁଲ ଚାରାରୋପଣ କରିଥିଲେ। ଧୀରେ ଧୀରେ ଏହା ତାଙ୍କର ଏକ ନିଶାରେ ପରିଣତ ହୋଇଯାଇଛି। ଦୁଇ ଚାରିଟି ପ୍ଲାଷ୍ଟିକ ବୋତଲରେ ଆରମ୍ଭ କରିଥିବା ଏହି ଅଭିଯାନରେ ଏବେ ଶହେରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବୋତଲରେ ଲାଗିଛି ସୁନ୍ଦର ଫୁଲ ଚାରା। କାମଦେବ କୁହନ୍ତି ସରକାର ପ୍ଲାଷ୍ଟିକକୁ ନିଷେଧ ଘୋଷଣା କରିଛନ୍ତି। ତେଣୁ ଏହାକୁ କାର୍ଯ୍ୟରେ ବ୍ୟବହାର ଲାଗି ଚିନ୍ତା କରିଥିଲି। ଏଥିରେ ଫୁଲ ଚାରା ଲଗାଇବା ଲାଗି ନିଷ୍ପତ୍ତି ନେଇଥିଲି।

# ଫନୀ ସହାୟତା, ଆବାସ ତାଲିକାରେ ଅନିୟମିତତା

ପୁରୀ ଅଫିସ, ୧୪।୨:

**■ହିତାଧିକାରୀଙ୍କୁ ନ୍ୟାୟ ନ ମିଳିଲେ ରାସ୍ତାକୁ ଓହ୍ଲାଇବ ଭାଜପା**

**■୧୮ରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଧାରଣା**

ପୁରୀ ଜିଲାରେ ଫନୀ ସହାୟତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ଅନେକ ଯୋଗ୍ୟ ବ୍ୟକ୍ତିଙ୍କ ନାଁ ତାଲିକାରେ ନାହିଁ। ପ୍ରକୃତ ହିତାଧିକାରୀଙ୍କୁ ଯଦି ନ୍ୟାୟ ନ ମିଳେ ତେବେ ଭାଜପା ରାସ୍ତାକୁ ଓହ୍ଲାଇବ। ଆସନ୍ତା ୧୮ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମ୍ମୁଖରେ ଧାରଣା ଦିଆଯିବ ବୋଲି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଶୁକ୍ରବାର ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଡ଼ା କହିଥିଲେ, କେନ୍ଦ୍ର ସରକାର ଓଡ଼ିଶାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବା ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଛନ୍ତି। କିନ୍ତୁ ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରାଯାଉଛି। ବିଶେଷକରି ପୁରୀ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ବ୍ୟାପକ ଅନିୟମିତତା ହୋଇଛି। ସେହିପରି ଅନେକ ଫନୀ କ୍ଷତିଗ୍ରସ୍ତ ଆଜି ବି ପଲିଥିନ ତଳେ ରହୁଥିବାବେଳେ ପ୍ରଶାସନ ପକ୍ଷରୁ ଘର ନ ଯୋଗାଇ ସେମାନଙ୍କ ସହ ଲୁଚକାଳି ଖେଳ ଖେଳିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।





ଖବରଦାତା ସମ୍ମିଳନୀରେ ଭାଜପା ନେତ୍ରୀ ପ୍ରଭାତି ପରିଡ଼ା ଏବଂ ଅନ୍ୟମାନେ।

ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇବା ତ ଦୂରର କଥା, କେନ୍ଦ୍ରରୁ ଆସୁଥିବା ଟଙ୍କାକୁ ରାଜ୍ୟ ଶାସକ ଦଳ ନେତା ଆତ୍ମସାତ୍ କରୁଛନ୍ତି। ଅନ୍ୟପଟେ ସାଧାରଣ ଗରିବ ଲୋକଟିକୁ ଘର ମିଳୁନାହିଁ । ଯଦି ଠିକ୍ ଭାବେ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଆନ୍ତା ତେବେ ବାରମ୍ବାର ଭୁଲ୍ ହୁଅନ୍ତା ନାହିଁ। ଯୋଗ୍ୟ ହିତାଧିକାରୀ ବାରମ୍ବାର ବ୍ଲକକୁ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ସୁଫଳ ମିଳୁନାହିଁ । ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପ୍ରଶାସନର ତିନିଜଣିଆ କମିଟିର ତଦନ୍ତ କେବଳ ଧର୍ମକୁ ଆଖିଠାର। ତାଲିକାରୁ ବଞ୍ଚିତ ହିତାଧିକାରୀମାନେ ତାଙ୍କ ଅଭିଯୋଗ ଫେବୃୟାରୀ ୧୦ରୁ ୧୬ ତାରିଖ ମଧ୍ୟରେ ଦାଖଲ କରିବା ପାଇଁ କୁହାଯାଇଛି । ପ୍ରଶାସନ ଏହାକୁ ପଞ୍ଚାୟତ କାନ୍ଥରେ ୧୩ ଓ ୧୪ ତାରିଖରେ ମାରିଥିଲେ। ଦୁଇଦିନ ମଧ୍ୟରେ ଅଭିଯୋଗ କରିବା ସମ୍ଭବପର ନୁହେଁ। ଏଣୁ ଏହି ସମୟସୀମାକୁ ଆହୁରି ୧୫ ଦିନ ବୃଦ୍ଧି କରିବା ଲାଗି ଭାଜପା ଦାବି କରୁଛି । ସେହିପରି ଜିଲାକୁ କେତେ ଆବାସ ଯୋଜନା ଆସିଛି ତାହାର ତାଲିକା ମଧ୍ୟ ସ୍ୱଷ୍ଟ କରାଯାଉ ନାହିଁ। ନିମାପଡ଼ା ପାଇଁ ୧୭୦୦ ଜଣଙ୍କ ତାଲିକା ବାହାରିଛି। କିନ୍ତୁ ସେଥିମଧ୍ୟରୁ ଯୋଗ୍ୟ ବ୍ୟକ୍ତି ୨୦୦ ହେବେ ନାହିଁ ବୋଲି ପ୍ରଭାତି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ତହସିଲଦାର, ଜିଆର୍‌ଏସ୍ ଏବଂ ଭିଏଲ୍‌ଡବ୍ଲ୍ୟୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଭୁଲ୍ ତାଲିକା ପ୍ରକାଶ କରୁଛନ୍ତି ସେମାନଙ୍କ ବିରୋଧରେ ଜିଲାପାଳ ଆଇନଗତ ପଦକ୍ଷେପ କାହିଁକି ଗ୍ରହଣ କରୁନାହାନ୍ତି ? ଏକ ନିର୍ଦ୍ଦିଷ୍ଟ ଦଳୀୟ ଲୋକଙ୍କୁ ସବୁବେଳେ ତାଲିକାରେ କାହିଁକି ରଖାଯାଉଛି ଏବଂ ପ୍ରଶାସନ କାହିଁକି ଭୁଲ୍ ତଥ୍ୟ ଦେଇ ଲୋକଙ୍କୁ ହଇରାଣ କରୁଛି ? କାହା ନିର୍ଦ୍ଦେଶରେ ଏବଂ କାହିଁକି ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ରଖାଯାଉ ନାହିଁ ବୋଲି ପ୍ରଭାତି ପ୍ରଶ୍ନ କରିଛନ୍ତି। ଫନୀକୁ ଇତିମଧ୍ୟରେ ୯ ମାସ ପୂରିଗଲାଣି, ହେଲେ ପ୍ରଶାସନିକ ଅପାରଗତା କାରଣରୁ ଏପର୍ଯ୍ୟନ୍ତ ଅନେକ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ମିଳିନାହିଁ। ଅନେକଙ୍କ ଆକାଉଣ୍ଟକୁ ମଧ୍ୟ ଅଚଳ କରିଦିଆଯାଇଛି। ସେହିପରି କୃଷି ଓ ଉଦ୍ୟାନ ବିଭାଗର ମୁଗ, ନଡ଼ିଆ ଗଛ ପ୍ରକୃତ ହିତାଧିକାରୀ ଚୟନରେ ଚଞ୍ଚକତା କରାଯିବାକୁ ଭାଜପା ନିନ୍ଦା କରୁଛି। ଯଦି ଯୋଗ୍ୟ ବ୍ୟକ୍ତିଙ୍କୁ ନ୍ୟାୟ ନ ମିଳେ ତେବେ ଆସନ୍ତା ୧୮ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ପ୍ରଭାତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର ଏବଂ ଓମ୍‌ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।